ଓଡ଼ିଶା ସରକାର

# ସ୍ୱରାଷ୍ଟ୍ର ବିଭାଗର
# ମୁଖ୍ୟ କାର୍ଯ୍ୟାବଳୀ
# 2008 – 2009

ସ୍ୱରାଷ୍ଟ୍ର ବିଭାଗ

# ସ୍ୱରାଷ୍ଟ୍ର ବିଭାଗର ମୁଖ୍ୟ କାର୍ଯ୍ୟାବଳୀ:୨୦୦୮-୨୦୦୯

## ଉପକ୍ରମଣିକା:

ସ୍ୱରାଷ୍ଟ୍ର ବିଭାଗ ରାଜ୍ୟ ଶାସନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏହା ଆରକ୍ଷୀ ଶାସନର ମୂଳାଧାର । ଏହି ବିଭାଗ ଆଇନ ଶୃଙ୍ଖଳା, ଅପରାଧ ପ୍ରତିରୋଧ ଓ ନିୟନ୍ତ୍ରଣ, ଦଣ୍ଡ ଅଭିଯୋଜନ, ଅଗ୍ନିଶମ ସେବା ଏବଂ କାରାଗାର ଇତ୍ୟାଦିର ନିୟନ୍ତ୍ରଣ କରିଥାଏ । ରାଜ୍ୟ ସଚିବାଳୟ ସେବା ଏହି ବିଭାଗ ଦ୍ୱାରା ପରିଚାଳିତ ହୋଇଥାଏ । ସଚିବାଳୟର ସହାୟକ, ଟାଇପିଷ୍ଟ, କ୍ଷିପ୍ରଲେଖକ, ବ୍ୟକ୍ତିଗତ ସହାୟକ ଓ ବ୍ୟକ୍ତିଗତ ସଚିବ ଓ ଓଡିଶା ସଚିବାଳୟ ସେବାର ସାଧାରଣ କ୍ୟାଡର ଏହି ବିଭାଗଦ୍ୱାରା ନିୟନ୍ତ୍ରିତ ହୁଏ । ଏହାଛଡା ବେସାମରିକ ପ୍ରତିରକ୍ଷା ଓ ଗୃହରକ୍ଷୀ ସଂସ୍ଥା ଗୁଡିକୁ ଏହି ବିଭାଗ ଦେଖାଶୁଣା କରିଥାଏ । ସଂସଦୀୟ ଓ ରାଜ୍ୟ ବିଧାନସଭା ନିର୍ବାଚନ ଏହି ବିଭାଗ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥାଏ । ଏହା ସାମରିକ ସେବା ଓ ବେସାମରିକ ସହଯୋଗ ଏବଂ ସାମରିକ ପ୍ରକଳ୍ପ ପ୍ରତିଷ୍ଠାରେ ଯୋଗସୂତ୍ର ରଖିଥାଏ । ରାଜ୍ୟ-ଅତିଥି ମାନଙ୍କର ସମୁଚିତ ମାନ୍ୟତା ପ୍ରଦାନ ସହ ଭୁବନେଶ୍ୱରସ୍ଥ ରାଜ୍ୟ ଅତିଥି ଭବନ, ନୂଆଦିଲ୍ଲୀସ୍ଥ ଓଡିଶା ଭବନ ଏବଂ ଓଡିଶା ନିବାସ ତଥା କୋଲକାତାର ଉତ୍କଳ ଭବନ ଏହି ବିଭାଗଦ୍ୱାରା ପରିଚାଳିତ ହୋଇଥାଏ ।

1. **ଆରକ୍ଷୀ ପ୍ରଶାସନ** :

1.1 **ଆଇନ ଶୃଙ୍ଖଳା** :

1.1.1 ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି 2008-09 ମସିହାରେ (ଫେବୃଆରୀ ମାସ ପର୍ଯ୍ୟନ୍ତ ) ମୋଟାମୋଟି ଭାବେ ଶାନ୍ତିପୂର୍ଣ୍ଣ ଥିଲା । ଲକ୍ଷ୍ମୀପୁର ଉପ-ନିର୍ବାଚନ ଓ ସହରାଞ୍ଚଳ ପ୍ରତିଷ୍ଠାନ ( ଅର୍ବାନ ଲୋକାଲ ବଡିଜ୍ ) ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳିତ ହୋଇଯାଇଛି । ଏତଦ୍ ବ୍ୟତୀତ ବିଭିନ୍ନ ଆନ୍ଦୋଳନାତ୍ମକ ପରିସ୍ଥିତିକୁ ଆଇନ ଶୃଙ୍ଖଳା ରକ୍ଷାକାରୀ ସଂସ୍ଥା ଦ୍ୱାରା ସମୟୋଚିତ ପଦକ୍ଷେପ ଫଳରେ ଲାଘବ କରାଯାଇଥିଲା ।

1.1.2 **ବନ୍ଦ, ରାସ୍ତାରୋକ ଓ ରେଳରୋକ ପରିସ୍ଥିତି** :

ବିରୋଧୀ ରାଜନୈତିକ ଦଳର ସଦସ୍ୟ ଏବଂ ତାଙ୍କର ଛାମୁଆଁ ସଂସ୍ଥା ଓ ସ୍ଥାନୀୟ ଦଳଙ୍କ ଦ୍ୱାରା ଏ ବର୍ଷ 43 ଟି ବନ୍ଦ, 253 ଟି ରାସ୍ତାରୋକ ଓ 26ଟି ରେଳରୋକ ସଂଗଠିତ ହୋଇଥିଲା । ସମସ୍ତ ଆନ୍ଦୋଳନକୁ କୌଶଳ ଓ ଧୈର୍ଯ୍ୟରସହ ନିୟନ୍ତ୍ରଣ କରାଯାଇ କୌଣସି ଗୁରୁତର ସମସ୍ୟା ସୃଷ୍ଟି କରିବାକୁ ଦିଆଯାଇ ନଥିଲା । ପେଟ୍ରୋଲିୟମଜାତ ପଦାର୍ଥର ଦର ବୃଦ୍ଧିର ପ୍ରତିବାଦ କରି ବାମପନ୍ଥୀ ଦଳ ଗୁଡିକ ତା. 06.06.2008 ରିଖରେ "ଓଡିଶା ବନ୍ଦ" ପାଳନ କରିଥିଲେ । ତା. 07.07.2008 ରିଖ ଦିନ ସି.ପି.ଆଇ. / ସି.ପି.ଏମ୍. / ଫରୱାଡ ବ୍ଲକ୍ / ଏନ୍.ସି.ପି. / ଜେ.ଏମ୍.ଏମ୍. ର ସଦସ୍ୟମାନେ ବସ ଭଡା ବୃଦ୍ଧିର ପ୍ରତିବାଦ କରି ରାଜ୍ୟର ବିଭିନ୍ନ ସ୍ଥାନରେ "ଚକା ବନ୍ଦ" ଆନ୍ଦୋଳନ କରିଥିଲେ । ଉପଯୁକ୍ତ ଆରକ୍ଷୀ ପର୍ଯ୍ୟବେକ୍ଷଣ ହେତୁ କୌଣସି ଅଘଟଣ ଘଟି ନଥିଲା । ଜାତୀୟ ସ୍ତରର ନେତାଙ୍କ ଡାକରାରେ ସି.ଆଇ.ଟି.ୟୁ. / ଏ.ଆଇ.ଟି.ୟୁ.ସି. / ଏ.ଆଇ.ସି.ସି.ଟି.ୟୁ. / ୟୁ.ଟି.ୟୁ.ସି.ଏଲ୍.ଏସ୍. / ଏଚ୍.ଏମ୍.ଏସ୍. ଏବଂ ସେମାନଙ୍କର ସହବନ୍ଧିତ ଟ୍ରେଡ୍ ୟୁନିୟନ ଓ ସେବାସଂସ୍ଥାର ସଦସ୍ୟମାନେ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧିର ପ୍ରତିବାଦ କରି ତା. 20.08.2008 ରିଖ ଦିନ ରାଜ୍ୟର ବିଭିନ୍ନ ସ୍ଥାନରେ ରାସ୍ତାରୋକ, ରେଳରୋକ ଆନ୍ଦୋଳନ, ରାଲି ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାର ପ୍ରତିବାଦ କରି ସଙ୍ଘ ପରିବାର ସଦସ୍ୟମାନେ ତା. 25.08.2008ରିଖ ଦିନ "ଓଡିଶା ବନ୍ଦ" ପାଳନ

କରିଥିଲେ । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ପକ୍ଷରୁ ଦଙ୍ଗାକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା ।

1.1.3 <u>ସାମ୍ପ୍ରଦାୟିକ ସଦ୍‌ଭାବ</u> :

ରାଜ୍ୟର ବିଭିନ୍ନ ଭାଗରେ ସାମ୍ପ୍ରଦାୟିକ ପରିସ୍ଥିତି ମୋଟା ମୋଟି ଭାବେ ଶାନ୍ତିପୂର୍ଣ୍ଣ ରହିଛି ଓ ବିଭିନ୍ନ ସଂପ୍ରଦାୟର ପାରମ୍ପରିକ ପର୍ବପର୍ବାଣୀ ଯଥା- ଶ୍ରୀରାମ ନବମୀ, ରଥଯାତ୍ରା, ଦୂର୍ଗାପୂଜା, କାଳୀପୂଜା, ପ୍ରଫେଟ୍ ମହମ୍ମଦଙ୍କ ଜନ୍ମଦିନ, ସାବ୍‌ଇ-ବାରତ୍, ଖ୍ରୀଷ୍ଟମାସ ପାଳନ ଅବସରରେ କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜି ନାହିଁ । ଏତଦ୍ ବ୍ୟତୀତ କନ୍ଧମାଳ ଜିଲ୍ଲାର ଜଲେସପଟା ଆଶ୍ରମରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଓ ତାଙ୍କର ଚାରିଜଣ ଶିଷ୍ୟଙ୍କୁ ତା.23.08.2008 ରିଖରେ ଅଜଣା ଆତତାୟୀମାନେ ନିର୍ମମଭାବରେ ହତ୍ୟା କରିବାପରେ ରାଜ୍ୟର କନ୍ଧମାଳ ଜିଲ୍ଲା ସମେତ ଅନ୍ୟ କେତେକ ଜିଲ୍ଲାର ପରିସ୍ଥିତି ସାମ୍ପ୍ରଦାୟିକ ହିଂସାର ଉଗ୍ରରୂପ ଧାରଣ କରିଥିଲା । ଏହି ପରିପ୍ରେକ୍ଷୀରେ ରାଜ୍ୟ ପ୍ରଶାସନ ଦ୍ୱାରା ଦୃଢ ଓ ସମୟୋପଯୋଗୀ ପଦକ୍ଷେପ ଗ୍ରହଣ କରାଯିବା ସହିତ ଅଧିକ ସୁରକ୍ଷାବଳ ନିୟୋଜିତ କରାଯାଇ ପରିସ୍ଥିତିକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରାଯାଇଥିଲା ।

1.1.4 <u>ଶ୍ରମ ଓ ସେବା ସମ୍ବନ୍ଧୀୟ</u> :

2008-09 ବର୍ଷରେ ରାଜ୍ୟରେ କୌଣସି ବଡ ଧରଣର ଶ୍ରମିକ ଆନ୍ଦୋଳନ ମୁଣ୍ଡ ଟେକି ନାହିଁ । କିନ୍ତୁ କେତେକ ମୁଷ୍ଟିମେୟ ଶିଳ୍ପ ସଂସ୍ଥାର କର୍ମଚାରୀ ଓ ଶିକ୍ଷକସଂଘ ବିଭିନ୍ନ ସମୟରେ ଧର୍ମଘଟ, ଆନ୍ଦୋଳନ, ଧାରଣା, ରାସ୍ତାରୋକ, ପ୍ରତିରୋଧ ସଭା, ଶୋଭାଯାତ୍ରା ଇତ୍ୟାଦି ଆୟୋଜନ କରିବା ସହିତ ସେମାନଙ୍କର ବିଭିନ୍ନ ସମସ୍ୟା ଯଥା ଛଟେଇ କର୍ମଚାରୀଙ୍କ ପୁନଃନିଯୁକ୍ତି, ଠିକା ନିଯୁକ୍ତିର ନିୟମିତକରଣ, ବକେୟା ପ୍ରାପ୍ତି ପ୍ରଦାନ, ଖାଲି ପଡିଥିବା ପଦବୀ ପୂରଣ, ଅବସର ସମୟସୀମା ବୃଦ୍ଧି, ବାହ୍ୟନିଯୁକ୍ତି ଓ ଘରୋଇକରଣ ନୀତିର ବିଲୋପ ଓ ଅନୁଦାନ ସମ୍ବନ୍ଧୀୟ ଦାବୀପତ୍ର ଉପସ୍ଥାପନ କରିଥିଲେ ।

କେତେକ ରାଜନୈତିକ ଦଳ ଓ ସେମାନଙ୍କର ସହବନ୍ଧିତ ଶ୍ରମିକ ସଂଗଠନ ଓ ସେବାସଂଘ ତା.20.08.2008ରିଖ ଦିନ ରାଜ୍ୟରେ ରାସ୍ତାରୋକ, ରେଳରୋକ, ଧାରଣା ଇତ୍ୟାଦି ଆୟୋଜନ କରି ସମସ୍ତ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କର ଅସଫଳତା, ଅତ୍ୟାବଶ୍ୟକ ଜିନିଷର ଦରବୃଦ୍ଧି ସମ୍ପର୍କରେ ବିରୋଧ ପ୍ରଦର୍ଶନ କରିଥିଲେ ।

ରାଜ୍ୟର ବିଭିନ୍ନ ଜିଲ୍ଲାର ଶିକ୍ଷାସହାୟକ ସଂଘର ସଭ୍ୟମାନେ ତା.14.11.2008 ରିଖ ଦିନ ସମସ୍ତ ବ୍ଲକ ଅଫିସ ଓ ତା.17.11.2008 ରିଖ ଦିନ ସମସ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପଟୁଆର, ବିକ୍ଷୋଭ ପ୍ରଦର୍ଶନ, ଧାରଣା ଇତ୍ୟାଦି ଆୟୋଜନ କରି ସେମାନଙ୍କର ଚାକିରୀର ସ୍ଥାୟୀକରଣ ପାଇଁ ଦାବୀ ଉପସ୍ଥାପନ କରିଥିଲେ ଏତଦ୍ ବ୍ୟତୀତ, ପି.ଏମ୍.ଜି. ଛକ ଠାରେ ଉକ୍ତ ସଂଘର ଛଅ ହଜାର ସଭ୍ୟ ତା.21.11.2008 ରିଖ ଦିନ ଉପରୋକ୍ତ ଦାବୀ ପୂରଣ ନିମନ୍ତେ ପଟୁଆର ଆୟୋଜନ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

1.1.5 **ଶିଳ୍ପ ସମ୍ବନ୍ଧୀୟ :**

ରାଜ୍ୟରେ ଶିଳ୍ପାୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ଅନେକ ବେସରକାରୀ ଶିଳ୍ପସଂସ୍ଥା ଓ ପ୍ରତିଷ୍ଠାନମାନଙ୍କ ସହ ଚୁକ୍ତି କରିଛନ୍ତି । ଯାହାଫଳରେ କଳିଙ୍ଗନଗର (ଯାଜପୁର), ପାରାଦ୍ୱୀପ, (ଜଗତସିଂହପୁର), କାଶୀପୁର ( ରାୟଗଡା), ଲାଞ୍ଜିଗଡ (କଳାହାଣ୍ଡି), ପାଟଣା (କେଉଁଝର), ତାଳଚେର (ଅନୁଗୁଳ) ଓ ଢେଙ୍କାନାଳ, ସମ୍ବଲପୁର ଓ ଝାରସୁଗୁଡା ଜିଲ୍ଲା ମାନଙ୍କରେ ବଡ ବଡ ଶିଳ୍ପ ପ୍ରତିଷ୍ଠାନ ଗଢି ଉଠିଛି ।

ଅପରପକ୍ଷରେ ଉକ୍ତ ପ୍ରକ୍ରିୟାରେ ଭୂମି ହରାଇ କ୍ଷତିଗ୍ରସ୍ତ ହୋଇଥିବା ବ୍ୟକ୍ତିମାନଙ୍କର ଅଭିଯୋଗକୁ ଭିତ୍ତିକରି କେତେଗୁଡିଏ ରାଜନୈତିକଦଳ ଫାଇଦା ଉଠାଉଛନ୍ତି, ଯାହା ଫଳରେ ଶିଳ୍ପାୟନ ପ୍ରକ୍ରିୟାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି । ଉପରୋକ୍ତ ବ୍ୟକ୍ତି ବିଶେଷ, ବିରୋଧୀ ରାଜନୈତିକ ଦଳର ପ୍ରରୋଚନାରେ ବିଭିନ୍ନ ସମୟରେ ବିଭିନ୍ନ ଦାବୀ ଯଥା, ନିଯୁକ୍ତି, ପର୍ଯ୍ୟାପ୍ତ କ୍ଷତିପୂରଣ, ପୁନଃ ଥଇଥାନ ନୀତି ଓ ସେମାନଙ୍କ ଅଞ୍ଚଳର ଉନ୍ନତିର ଆଳ ଦେଖାଇ ଆନ୍ଦୋଳନ ଚଳାଇ ଆସୁଛନ୍ତି । ଏହାସତ୍ତ୍ୱେ କ୍ଷତିଗ୍ରସ୍ତ ଲୋକଙ୍କ ଏସମ୍ବନ୍ଧୀୟ ଆଶଙ୍କା ଦୂର କରିବା ପାଇଁ ସରକାରଙ୍କ ପୁର୍ନବସତି ଓ ଥଇଥାନ ନୀତିର ସକରାତ୍ମକ ଦିଗ ଉପରେ ଆଲୋକପାତ କରିବାପାଇଁ ରାଜ୍ୟ ପ୍ରଶାସନ, ଜିଲ୍ଲା ପ୍ରଶାସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ବିଗତ ବର୍ଷରେ ବିଭିନ୍ନ ସମୟରେ ଶିଳ୍ପ ବିରୋଧୀ ଆନ୍ଦୋଳନ ଦେଖା ଦେଇଥିଲେ ମଧ୍ୟ ପୋଲିସ୍‌ର ଉଚିତ କାର୍ଯ୍ୟାନୁଷ୍ଠାନ ଫଳରେ ଅନେକ ମୂଲ୍ୟବାନ ଧନଜୀବନ ସୁରକ୍ଷିତ ହୋଇପାରିଛି ।

1.1.6 **ଛାତ୍ର ଅଶାନ୍ତି** :

2008 ମସିହାରେ ରାଜ୍ୟରେ କୌଣସି ବଡ ଧରଣର ଛାତ୍ର ଅଶାନ୍ତି ଘଟଣା ଘଟିନାହିଁ । ତା. 23.10.2008ରିଖରେ ରାଜ୍ୟର ବିଭିନ୍ନ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନ ଶାନ୍ତି, ଶୃଙ୍ଖଳାର ସହ ସମାହିତ ହୋଇଥିଲା । ଖାଲି ରହିଥିବା ଶିକ୍ଷକ / ଅଣ ଶିକ୍ଷକ ପଦବୀ ପୂରଣ, ଷ୍ଟାଇପେଣ୍ଡ ବୃଦ୍ଧି ଇତ୍ୟାଦି ଦାବୀ କରି ବିଭିନ୍ନ ମହାବିଦ୍ୟାଳୟର ଛାତ୍ରମାନେ ଧାରଣା, ଶ୍ରେଣୀ ବର୍ଜନ, ରାସ୍ତାରୋକ ଇତ୍ୟାଦି ଆନ୍ଦୋଳନ କରିଥିଲେ ମଧ୍ୟ କୌଣସି ଗୁରୁତର ସମସ୍ୟା ସୃଷ୍ଟି ହୋଇ ନଥିଲା ।

1.1.7 **ବାମପନ୍ଥୀ ଆତଙ୍କବାଦୀଙ୍କ କାର୍ଯ୍ୟକଳାପ** :

2008 ମସିହାରେ ରାଜ୍ୟରେ 67 ଥର ନକ୍ସଲମାନଙ୍କ ହିଂସାତ୍ମକ କାର୍ଯ୍ୟକଳାପ ହେତୁ 25 ଜଣ ସାଧାରଣ ଜନତା ଏବଂ 73 ଜଣ ସୁରକ୍ଷା କର୍ମଚାରୀ ମୃତ୍ୟୁବରଣ କରିଥିଲେ । 2007-08 ମସିହାରେ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁସୃତ ନକ୍ସଲମାନଙ୍କ ପାଇଁ କ୍ଷମା ଏବଂ ପୁର୍ନବାସ ନୀତି ଯୋଗୁ 11 ଜଣ ଦୁର୍ଦ୍ଧାନ୍ତ ନକ୍ସଲ ସରକାରଙ୍କ ପାଖରେ ଆତ୍ମସର୍ମପଣ କରିବା ଫଳରେ ସେମାନଙ୍କୁ ଉପଯୁକ୍ତ ଥଇଥାନ କରି ସାମାଜିକ ଜୀବନ ସ୍ରୋତରେ ସାମିଲ୍ କରାଯାଇଛି ।

ତା. 15 / 16.02.2008 ରିଖରେ ନକ୍ସଲମାନେ 18 ଜଣ ସୁରକ୍ଷା କର୍ମୀଙ୍କୁ ହତ୍ୟା କରି ନୟାଗଡ ଜିଲ୍ଲାର ଅସ୍ତ୍ରାଗାରରୁ ଲୁଟି ନେଇଥିବା ଅସ୍ତ୍ରଶସ୍ତ୍ର ମଧ୍ୟରୁ ଗସମା ଜଙ୍ଗଲରୁ ବହୁ ପରିମାଣର ଅସ୍ତ୍ରଶସ୍ତ୍ର ସୁରକ୍ଷା କର୍ମଚାରୀମାନେ ଜବତ କରିଛନ୍ତି ।

1.1.8 **ଅପରାଧ ପରିସ୍ଥିତି** :

2008 ମସିହାରେ ମୋଟ୍ 67,918 ଟି ( ବିହାର-ଓଡିଶା ଅବକାରୀ ଆଇନ୍ ଅନ୍ତର୍ଗତ 7,383ଟି ମାମଲା ସମେତ) ବିଭିନ୍ନ ଅପରାଧ ଜନିତ ମାମଲା ପଞ୍ଜିକୃତ ହୋଇଥିବା ବେଳେ, 2007 ମସିହାରେ 67,034 ଟି (7,733 ଗୋଟି ବିହାର-ଓଡିଶା ଅବକାରୀ ଆଇନ୍ ଅନ୍ତର୍ଗତ ମାମଲା ସହିତ) ମାମଲା ପଞ୍ଜିକୃତ ହୋଇଥିଲା । *2007* ମସିହା ତୁଳନାରେ 2008 ମସିହାରେ ମାତ୍ର ଶତକଡା 1.3 ମାମଲା ବୃଦ୍ଧି ପାଇଅଛି । ଜନସଂଖ୍ୟା ବୃଦ୍ଧି,

ଦ୍ରୁତ ଶିଳ୍ପାୟନ ଓ ବେକାରୀ ବୃଦ୍ଧି ଇତ୍ୟାଦି ଅପରାଧ ବୃଦ୍ଧି ପାଇବାର ମୁଖ୍ୟ କାରଣ ଅଟେ ।

ପରନ୍ତୁ, 2008 ମସିହାରେ 2007 ତୁଳନାରେ ସିନ୍ଧିଚୋରୀ ଓ ମଟର ଯାନ ଦୁର୍ଘଟଣା ଜନିତ ମାମଲା ହ୍ରାସ ପାଇବା ରାଜ୍ୟପାଇଁ ସନ୍ତୋଷ ଜନକ ଅଟେ ।

1.1.9 **ପୋଲିସ ଆଧୁନିକୀକରଣ :**

ପୋଲିସ ବାହିନୀର ଆଧୁନୀକିକରଣ କରିବା ପାଇଁ କେନ୍ଦ୍ରୀୟ ସହଯୋଗିତାରେ "ପୋଲିସ ଆଧୁନିକୀକରଣ ଯୋଜନା" ରାଜ୍ୟରେ କାର୍ଯ୍ୟକାରୀ ହେଉଅଛି । ଏହି ଯୋଜନାରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର, ଯାନବାହନ, ପୋଲିସର ବିଭିନ୍ନ ଶାଖାପାଇଁ ଆବଶ୍ୟକୀୟ ସରଞ୍ଜାମ ଆହରଣ ତଥା ଭିତ୍ତିଭୂମିର ବିକାଶ ଯଥା ଥାନାଗୃହ, ଫାଣ୍ଡିଗୃହ ଓ ବାସଗୃହ ନିର୍ମାଣ ଏବଂ ସମ୍ବେଦନଶୀଳ ପୋଲିସ ପୋଷ୍ଟଗୁଡିକର ସୁଦୃଡ଼ୀକରଣ ଦ୍ୱାରା ରାଜ୍ୟ ପୋଲିସ ବାହିନୀର ଆଧୁନିକୀକରଣ କରାଯାଉଅଛି । **2008-09** ବର୍ଷରେ **75:25** ଅନୁପାତରେ **2653** ଲକ୍ଷ ଟଙ୍କାର କେନ୍ଦ୍ରୀୟ ଓ **884** ଲକ୍ଷ ଟଙ୍କାର ରାଜ୍ୟ ଅଂଶଧନ ସହିତ ମୋଟ **3537** ଲକ୍ଷ ଟଙ୍କାର ବାର୍ଷିକ କ୍ରିୟାନୁଷ୍ଠାନ ଯୋଜନା ମଞ୍ଜୁର ହୋଇଥିଲା । ଏହି ଅର୍ଥରାଶି ମଧ୍ୟରୁ ପ୍ରାୟ **85%** ଅର୍ଥାତ **3034.55** ଲକ୍ଷ ଟଙ୍କା ବିନିଯୋଗ କରାଯାଇ ପୋଲିସ ବାହିନୀକୁ ବିଭିନ୍ନ ଅସ୍ତ୍ରଶସ୍ତ୍ର ତଥା ଆବଶ୍ୟକୀୟ ସରଞ୍ଜାମ ଯୋଗାଇ ଦିଆଯାଉଛି ।

1.1.10 **ରାଜ୍ୟ ଅପରାଧ ଅନୁସନ୍ଧାନ ପ୍ରୟୋଗଶାଳା :**

ଭୁବନେଶ୍ୱରର ରସୁଲଗଡଠାରେ ଥିବା ରାଜ୍ୟ ଅପରାଧ ଅନୁସନ୍ଧାନ ପ୍ରୟୋଗଶାଳା ଓ ବ୍ରହ୍ମପୁର, ସମ୍ବଲପୁର ଓ ବାଲେଶ୍ୱର ଠାରେ ଥିବା ଆଞ୍ଚଳିକ ଅପରାଧ ଅନୁସନ୍ଧାନ ପ୍ରୟୋଗଶାଳାରେ ଅପରାଧ ଘଟିଥିବା ସ୍ଥାନରୁ ବା ଅପରାଧର ଶିକାର ହୋଇଥିବା ବ୍ୟକ୍ତିବିଶେଷଙ୍କ ଠାରୁ ବା ଅଭିଯୁକ୍ତ ଆସାମୀଠାରୁ ବା ମୃତ ବ୍ୟକ୍ତିଙ୍କଠାରୁ ସଂଗୃହିତ ଅପରାଧରେ ସଂଶ୍ଳିଷ୍ଟ ପଦାର୍ଥ ମାନଙ୍କର ରାସାୟନିକ ପରୀକ୍ଷା କରାଯାଏ । ଏହି ପରୀକ୍ଷା ରିପୋର୍ଟ ଅପରାଧ ନିର୍ଣ୍ଣୟପାଇଁ ସହାୟକ ଓ ଦୋଷୀର ଦଣ୍ଡବିଧାନ ପାଇଁ ପଠାଯାଏ । ଏଥି ସହିତ ଅବିଭକ୍ତ ପ୍ରତ୍ୟେକ ପୋଲିସ ଜିଲ୍ଲାର ସଦର ମହକୁମାଠାରେ 15 ଗୋଟି ଜିଲ୍ଲାସ୍ତରୀୟ ଅପରାଧ ଅନୁସନ୍ଧାନ ପ୍ରୟୋଗଶାଳା କାର୍ଯ୍ୟକ୍ଷମ ଅଛି ।

ସୃଷ୍ଟି ହୋଇଥିବା ନୂତନ ଜିଲ୍ଲାରେ ଏକାଦଶ ଅର୍ଥ କମିଶନଙ୍କଦ୍ୱାରା ପ୍ରଦତ୍ତ 19 ଗୋଟି ଭ୍ରାମ୍ୟମାଣ ଅପରାଧ ଅନୁସନ୍ଧାନ ପ୍ରୟୋଗଶାଳାକୁ ମଞ୍ଜୁରୀ ପ୍ରଦାନ କରାଯାଇଛି । ରାଜ୍ୟ ପ୍ରୟୋଗଶାଳାରେ ସାତଗୋଟି ବିଶେଷ ଜ୍ଞାନକୌଶଳ ଥିବା ବିଭାଗ ଯଥା- ପଦାର୍ଥ ବିଜ୍ଞାନ ବିଭାଗ, ପ୍ରକ୍ଷେପ ବିଭାଗ, ରସାୟନ ବିଭାଗ, ବିଷ ବିଜ୍ଞାନ ବିଭାଗ, ଜୀବ ବିଜ୍ଞାନ ବିଭାଗ, ଲସି ବିଜ୍ଞାନ ବିଭାଗ ଓ ମିଥ୍ୟା ଅନୁସନ୍ଧାନ ବିଭାଗ କାର୍ଯ୍ୟ କରୁଅଛି । ଅପରାଧରେ ନ୍ୟାୟ ପ୍ରଦାନ ଓ ସତ୍ୟ ପ୍ରତିଷ୍ଠାପାଇଁ ରାଜ୍ୟର ପ୍ରୟୋଗଶାଳା ମାନଙ୍କରେ ଅତ୍ୟାଧୁନିକ ଉପକରଣ ଓ ତାଲିମପ୍ରାପ୍ତ ବ୍ୟକ୍ତି ବିଶେଷ ରହିଛନ୍ତି ।

2008 ମସିହାରେ ରାଜ୍ୟ ପ୍ରୟୋଗଶାଳା, ଭୁବନେଶ୍ୱର ଓ ବ୍ରହ୍ମପୁର, ସମ୍ବଲପୁର ଓ ବାଲେଶ୍ୱରଠାରେ ଥିବା ଆଞ୍ଚଳିକ ପ୍ରୟୋଗଶାଳାମାନଙ୍କରେ ମୋଟ 6055ଟି ମାମଲା ପରୀକ୍ଷା କରାଯାଇଥିଲା । ଭାରତ ସରକାର, ନୂଆଦିଲ୍ଲୀଙ୍କ ନିଶା ନିୟନ୍ତ୍ରଣ ସଂସ୍ଥା, ରାଜ୍ୟର ଏହି ଅପରାଧ ଅନୁସନ୍ଧାନ ପ୍ରୟୋଗଶାଳାକୁ ନାରକୋଟିକ୍ ଓ ସାଇକୋଟ୍ରଫିକ୍ ଦ୍ରବ୍ୟର ଆଞ୍ଚଳିକ ବିଶ୍ଳେଷଣ କେନ୍ଦ୍ରରୂପେ ବାଛିଛନ୍ତି ।

## 1.1.11 ରାଜ୍ୟ ଅପରାଧ ପଞ୍ଜିକରଣ ସଂସ୍ଥା

ରାଜ୍ୟର ସମସ୍ତ ଅପରାଧର ରେକର୍ଡ ରାଜ୍ୟ ଅପରାଧ ପଞ୍ଜିକରଣ ସଂସ୍ଥାରେ ଉପଲବ୍ଧ । ରାଜ୍ୟରେ ଘଟୁଥିବା ବିଭିନ୍ନ ଅପରାଧ ଯଥା- ହତ୍ୟା, ଡକାୟତି, ଧର୍ଷଣ, ଦଙ୍ଗା, ମୋଟରଯାନ ଦୁର୍ଘଟଣାର ପରିସଂଖ୍ୟାନ ସମସ୍ତ ଜିଲ୍ଲାରୁ ସଂଗ୍ରହ କରାଯାଇ ଏହି ସଂସ୍ଥାରେ ପଞ୍ଜିକରଣ କରାଯାଉଅଛି । ଏହି ପରିସଂଖ୍ୟାନ, ଜାତୀୟ ଅପରାଧ ପଞ୍ଜିକରଣ ସଂସ୍ଥାଦ୍ୱାରା ପ୍ରତ୍ୟେକ ବର୍ଷ ପ୍ରକାଶିତ ହେଉଥିବା ପୁସ୍ତକକୁ ରାଜ୍ୟରେ ଘଟିଥିବା ଅପରାଧ ସବୁର ପରିସଂଖ୍ୟାନ ତଥ୍ୟ ଯୋଗାଇ ଦିଆଯାଇଥାଏ । ରାଜ୍ୟର ଅପରାଧ ସମ୍ପର୍କୀୟ ତଥ୍ୟକୁ ଏନ୍.ସି.ଆର୍.ବି. ଦ୍ୱାରା ପ୍ରସ୍ତୁତ ଓ ଯୋଗାଇ ଦିଆଯାଇଥିବା CCIS Mle (Crime Criminal Information System Multi Lingual Vesion Web enabled) ସଫ୍ଟୱେୟାର ସାହାଯ୍ୟରେ କମ୍ପ୍ୟୁଟରୀକରଣ କରିବାପାଇଁ ଚେଷ୍ଟା କରାଯାଉଛି । ରାଜ୍ୟର ସମସ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମାନଙ୍କୁ ଏହି ନୂତନ ସଫ୍ଟୱେୟାରକୁ ସବୁ ସମୟରେ ସଦ୍ୟ ତଥ୍ୟ ଦେବାପାଇଁ ଅନୁରୋଧ କରାଯାଇଅଛି ।

ରାଜ୍ୟର 34ଗୋଟି ପୋଲିସ ଜିଲ୍ଲା ଦପ୍ତର, ୯ଟି ବାଟାଲିୟନ୍ ଓ 23ଟି ପ୍ରମୁଖ ପୋଲିସ ପ୍ରତିଷ୍ଠାନକୁ କମ୍ପ୍ୟୁଟର ଯୋଗାଇ ଦିଆଯାଇଛି ଓ ଏହି କମ୍ପ୍ୟୁଟର ଗୁଡିକରେ ଲ୍ୟାନ୍ (LAN) ବ୍ୟବସ୍ଥା ପ୍ରବର୍ତ୍ତନ କରାଯାଇଅଛି ।

ରାଜ୍ୟର 95ଟି ସବ୍‌ଡିଭିଜିନାଲ ଆରକ୍ଷୀ ଅଫିସ୍ (SDPO) କୋର୍ଟରେ ଚାଲୁଥିବା 2ଗୋଟି କୋର୍ଟ ଅଫିସ, ବିଭିନ୍ନ ରେଞ୍ଜ ଅଫିସ ଓ ସମସ୍ତ ବାଟାଲିୟନ୍ ଅଫିସ ମାନଙ୍କରେ ଅଫିସ କାର୍ଯ୍ୟପାଇଁ କମ୍ପ୍ୟୁଟରୀକରଣ କରାଯାଇଅଛି । ରାଜ୍ୟରେ ଥିବା ସମସ୍ତ ପୋଲିସ୍ ସଂସ୍ଥା ସହ E-Mail ମାଧ୍ୟମରେ ସଂଯୋଗ ସ୍ଥାପନ କରିବାପାଇଁ ଚେଷ୍ଟା ଜାରି ରହିଛି ।

1.1.12 **ସି.ସି.ଟି.ଏନ୍.ଏସ୍. (ଅପରାଧ ଅପରାଧୀ ଚିହ୍ନଟ ଓ ନେଟ୍‌ୱାର୍କିଂ ବ୍ୟବସ୍ଥା ) :**

ରାଜ୍ୟର ସମସ୍ତ ଥାନାର ପ୍ରାଥମିକ କାର୍ଯ୍ୟ ତଥା ଅପରାଧ ରେକର୍ଡ ରଖିବା କାର୍ଯ୍ୟକୁ ସ୍ୱୟଂଚାଳିତ କରିବା ସହିତ ଦେଶର ସାଧାରଣ ଜନତା କମ୍ପ୍ୟୁଟର ମାଧ୍ୟମରେ ଏତଲା ଦରଜ କରିବା ନିମନ୍ତେ ଭାରତ ସରକାର ସ୍ୱତନ୍ତ୍ର ଭାବରେ କେତେକ ବଛା ବଛା ରାଜ୍ୟକୁ କମ୍ପ୍ୟୁଟର ନେଟ୍ (NET) ୱାର୍କିଂ ପ୍ରକଳ୍ପର ଅନ୍ତର୍ଭୁକ୍ତ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ପାଞ୍ଚଗୋଟି ଜିଲ୍ଲାର 45 ଗୋଟି ପୋଲିସ ଥାନାକୁ 5 ଟି ଲେଖାଏଁ କମ୍ପ୍ୟୁଟର, 2ଟି ପ୍ରିଣ୍ଟର ଓ ଅନ୍ୟାନ୍ୟ ଉପକରଣ ରାଷ୍ଟ୍ରୀୟ ସୂଚନା ବିଜ୍ଞାନ କେନ୍ଦ୍ର (NIC) ମାଧ୍ୟମରେ ଯୋଗାଇ ଦେଇଛନ୍ତି ଓ ଏ ସମସ୍ତ ପୋଲିସ୍ ଥାନାରେ କମ୍ପ୍ୟୁଟର ସବୁକୁ କାର୍ଯ୍ୟକ୍ଷମ କରାଯାଇଛି । ଏହି ପ୍ରକଳ୍ପ କେତେକ ବଛା ବଛା ପୋଲିସ୍ ଥାନାରେ କାର୍ଯ୍ୟକାରୀ ହୋଇଅଛି । ଏହି କମ୍ପ୍ୟୁଟରରେ CIPA (Common Integrated Police Application) ସଫଟ୍‌ୱେୟାର ମାଧ୍ୟମରେ କିଭଳି କାର୍ଯ୍ୟ କରାଯିବ ସେଥିପାଇଁ 45ଟି ଥାନାର କର୍ମଚାରୀମାନଙ୍କୁ ଉପଯୁକ୍ତ ତାଲିମ ବ୍ୟବସ୍ଥା କରାଯାଇଛି ।

1.1.13 **ରାଜ୍ୟ ଅଙ୍ଗୁଳି ଛାପ ସଂସ୍ଥା, ଭୁବନେଶ୍ୱର :**

1936 ମସିହା ଏପ୍ରିଲ 1 ତାରିଖ, ଓଡିଶା ପ୍ରଦେଶ ଗଠନ ଦିନ ରାଜ୍ୟ ଅଙ୍ଗୁଳିଛାପ ବ୍ୟୁରୋ ଗଠିତ ହୋଇଥିଲା । ତା. 31.12.2008 ରିଖ ସୁଦ୍ଧା 49,499ଟି ଆଙ୍ଗୁଳି ଛାପ ରେକର୍ଡ କରାଯାଇଛି । 34ଟି ପୋଲିସ୍ ଜିଲ୍ଲା ଏବଂ ଅପରାଧ ତଦନ୍ତ ବିଭାଗ ମୁଖ୍ୟାଳୟରେ ରିମୋଟ କ୍ୱୋରୀ ଟରମିନାଲ ଯନ୍ତ୍ର ସ୍ଥାପନ କରାଯାଇଅଛି । ଗିରଫ ଏବଂ ଦୋଷୀ ସାବ୍ୟସ୍ତ ହୋଇଥିବା ଘଟଣାରେ ମୋଟ 84,903ଟି ଅଙ୍ଗୁଳି ଛାପ ସ୍ଲିପ୍ ଓ 3,545ଟି ଅଙ୍ଗୁଳିଛାପ ଏ.ଏଫ୍.ଆଇ.ଏସ୍. ଡାଟା ବେଶ୍‌ରେ ଗଛିତ ରଖାଯାଇଛି । ଗିରଫ ହୋଇଥିବା 10,112 ଜଣଙ୍କର ଅଙ୍ଗୁଳିଛାପ ସ୍ଲିପ୍ ବ୍ୟୁରୋରେ ଅନୁସନ୍ଧାନ

କରାଯାଇ 47 ଜଣଙ୍କର ଅଙ୍ଗୁଳିଛାପ ସାବ୍ୟସ୍ତ କରାଯାଇଥିଲା । 259 ଜଣ ଦୋଷୀ ସାବ୍ୟସ୍ତ ହୋଇଥିବା ଅପରାଧୀ ଏବଂ 3,100 ଜଣ ଗିରଫ ବ୍ୟକ୍ତିଙ୍କର ଅଙ୍ଗୁଳି ଛାପ ରେକର୍ଡ ପାଇଁ ଜାତୀୟ ଅପରାଧ ପଞ୍ଜୀକରଣ ସଂସ୍ଥା, ନୂଆଦିଲ୍ଲୀକୁ ପଠାଯାଇଛି । 14ଟି ମାମଲାରେ ଅପରାଧ ସ୍ଥଳରୁ ମିଳିଥିବା ଚିହ୍ନକୁ ପରୀକ୍ଷା କରାଯାଇ ସମ୍ପୃକ୍ତ ଅପରାଧୀଙ୍କୁ ଚିହ୍ନଟ କରିବାର ସଫଳତା ମିଳିଥିଲା । 9ଟି ସରକାରୀ ଓ 5ଟି ବେସରକାରୀ ମାମଲାର ଦସ୍ତାବିଜରେ ଥିବା ଦ୍ୱନ୍ଦ୍ୱାତ୍ମକ ଟିପଚିହ୍ନ ପରୀକ୍ଷା କରାଯାଇ ବିଶେଷଜ୍ଞଙ୍କ ମତାମତ ପ୍ରଦାନ କରାଯାଇଥିଲା । 2008 ମସିହାରେ 248 ଜଣ ପୋଲିସ୍ ଅଧିକାରୀଙ୍କୁ ଅଙ୍ଗୁଳି ଛାପ, ପଦ ଚିହ୍ନ ଏବଂ ଏ.ଏଫ.ଆଇ.ଏସ୍ ସଫ୍ଟୱେୟାରରେ ପ୍ରଶିକ୍ଷଣ ଦିଆଯାଇଛି । 5ଟି ଦେୱାନୀ ମାମଲାରେ ଅଙ୍ଗୁଳି ଛାପ ପରୀକ୍ଷା କରାଯାଇ ଟ. 6,950/- ଆଦାୟ କରାଯାଇଛି ।

1.1.14 **ହସ୍ତଲିପି ବ୍ୟୁରୋ :**

ଓଡିଶା ରାଜ୍ୟ ଅପରାଧ ତଦନ୍ତ ବିଭାଗ, କଟକଙ୍କ ଅଧୀନରେ ହସ୍ତଲିପି ବ୍ୟୁରୋ କାର୍ଯ୍ୟ କରୁଅଛି । ଏଠାରେ ଅର୍ଥ ଆତ୍ମସାତ୍, ହତ୍ୟା, ଯୌତୁକଜନିତ ମାମଲା, ଅପହରଣ ଏବଂ ରାଜ୍ୟ ବିରୁଦ୍ଧରେ ଷଡଯନ୍ତ୍ର ଆଦି ଅପରାଧର ଦସ୍ତାବିଜ ପରୀକ୍ଷା କରାଯାଇଥାଏ । ଏହି ବ୍ୟୁରୋରେ ନିଯୁକ୍ତ ବିଶାରଦମାନେ ତଦନ୍ତକାରୀ ଅଧିକାରୀମାନଙ୍କର ଆବଶ୍ୟକ ବିଭିନ୍ନ ପ୍ରଶ୍ନ ଉପରେ ମତାମତ ପ୍ରଦାନ କରିଥାନ୍ତି । ଦସ୍ତାବିଜ ଗୁଡିକର ପରୀକ୍ଷା ବ୍ୟତୀତ, ଏହି ବ୍ୟୁରୋର ବିଶାରଦମାନେ ତଦନ୍ତକାରୀ ଅଧିକାରୀ ମାନଙ୍କୁ ଦସ୍ତାବିଜ ସମ୍ବନ୍ଧୀୟ ମାମଲାକୁ ସଠିକ୍ ଭାବେ ଅନୁସନ୍ଧାନ କରିବାପାଇଁ ସେମାନଙ୍କ ମତାମତ ପ୍ରଦାନ କରିବା ସହିତ ପ୍ରୋବେସନାରୀ ସବ୍‌ଇନସ୍ପେକ୍ଟର, କ୍ୟାଡେଟ ସବ୍‌ଇନସ୍ପେକ୍ଟର, ଜେଲ ଅଧିକାରୀ, ରାଜ୍ୟପୋଲିସ୍ ଏକାଡେମୀର ଅଧିକାରୀ, ସର୍ବ ଭାରତୀୟ ପୋଲିସ୍ ବୃତ୍ତିଗତ ପ୍ରତିଯୋଗୀତା ପାଇଁ ମନୋନୀତ ଅଧିକାରୀ, ମେଡିକାଲ ଛାତ୍ରଛାତ୍ରୀ ତଥା ବିଚାରାଳୟର ଅଧିକାରୀମାନଙ୍କୁ ତାଲିମ ପ୍ରଦାନ କରିଥାନ୍ତି । ହସ୍ତଲିପି ବ୍ୟୁରୋରେ ପରୀକ୍ଷା କରାଯାଇ ମତାମତ ଦିଆଯାଇଥିବା ମାମଲା ଗୁଡିକ ବିଚାର ସମୟରେ ହସ୍ତଲିପି ବିଶେଷଜ୍ଞମାନେ ବିଚାରାଳୟକୁ ଯାଇ ସାକ୍ଷ୍ୟ ପ୍ରଦାନ କରିଥାନ୍ତି । ଏହି ବ୍ୟୁରୋର ଜଣେ ବିଶେଷଜ୍ଞଙ୍କୁ ଦୁର୍ନୀତି ନିବାରଣ ମାମଲାରେ ଦସ୍ତାବିଜ ପରୀକ୍ଷଣ ପାଇଁ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟକୁ ପଠାଯାଇଥିଲା ।

1.1.15 **ଫଟୋ ବ୍ୟୁରୋ** :

ରାଜ୍ୟ ଫଟୋ ବ୍ୟୁରୋ 198ଟି ମାମଲାରେ 1,018ଟି ଅଙ୍ଗୁଳି ଛାପ ଫଟୋ, ହସ୍ତାକ୍ଷର ପରୀକ୍ଷା ଜନିତ 180ଟି ମାମଲାରେ 29,691ଟି ଫଟୋ, ଗଣମାଧ୍ୟମରେ ପ୍ରଚାର ପାଇଁ 185 ଜଣ ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କର 763ଟି ଫଟୋ ଏବଂ 425 ଜଣ ପୋଲିସ କର୍ମଚାରୀଙ୍କ ପାଇଁ ପରିଚୟପତ୍ର ପ୍ରସ୍ତୁତ କରିଥିଲେ । ଏତଦ୍‌ବ୍ୟତୀତ ଉକ୍ତ ସଂସ୍ଥା ଆଇନ୍ ଶୃଙ୍ଖଳା ସମୟରେ 104ଟି ଘଟଣାର ଭିଡିଓ ଚିତ୍ର ଉତ୍ତୋଳନ କରିବା ସହିତ ଅତିବିଶିଷ୍ଟ ବ୍ୟକ୍ତିମାନଙ୍କର ଗସ୍ତ ସମୟରେ 5ଟି ସ୍ଥାନରେ ଗଣ ମାଧ୍ୟମର ପ୍ରତିନିଧି ଓ ସେମାନଙ୍କର ଯନ୍ତ୍ର ଗୁଡିକୁ ନିରାପତ୍ତା ଦୃଷ୍ଟି କୋଣରୁ ଯାଞ୍ଚ କରିଥିଲେ ।

1.1.16 **ଶ୍ୱାନବାହିନୀ** :

1961 ମସିହାଠାରୁ ଓଡିଶା ପୋଲିସ ଶ୍ୱାନବାହିନୀ, ରାଜ୍ୟ ଅପରାଧ ତଦନ୍ତ ବିଭାଗ ଅଧୀନରେ କାର୍ଯ୍ୟକରି ଆସୁଛି । 2008 ମସିହାରେ ଅନୁସନ୍ଧାନକାରୀ ଶ୍ୱାନମାନେ 612 ଗୋଟି ମାମଲା ତଦନ୍ତରେ ସାହାଯ୍ୟ ପାଇଁ ନିୟୋଜିତ ହୋଇଥିଲେ । ତନ୍ମଧ୍ୟରୁ 256 ଗୋଟି ମାମଲାରେ ଅନୁସନ୍ଧାନର ସୂତ୍ର ବାହାରିଥିଲା । ଏତଦ୍ ବ୍ୟତୀତ, ବୋମା ଉଦ୍ଧାରକାରୀ ଶ୍ୱାନ 901 ଗୋଟି ଘଟଣା ଯଥା : ଅତି ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସୁରକ୍ଷା ଦେବା, ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ନକ୍ସଲ ଦମନ ସମୟରେ ରାଜ୍ୟରେ ନିୟୋଜିତ ହୋଇଥିଲେ । ଗଞ୍ଜାମ ଜିଲ୍ଲା ଭଞ୍ଜନଗରର ଗସମା ପାର୍ବତ୍ୟାଞ୍ଚଳରେ ନକ୍ସଲ ଦମନ ସମୟରେ ଏହି ଶ୍ୱାନମାନଙ୍କ ସହାୟତାରେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର, ଜୀବନ୍ତ ବୋମା ଉଦ୍ଧାର କରାଯାଇଥିଲା ।

1.1.17 **ବେତାର ବିଭାଗ** :

ରାଜ୍ୟରେ ଆଇନ ଶୃଙ୍ଖଳା ରକ୍ଷା ଓ ନକ୍ସଲ କାର୍ଯ୍ୟକଳାପ ପ୍ରତିହତ କରିବା ପାଇଁ 3 ଗୋଟି ଉଚ୍ଚ କ୍ଷମତା ସମ୍ପନ୍ନ ରେଡିଓ ସଞ୍ଚାରଣ କେନ୍ଦ୍ର ଓ 46 ଗୋଟି ଗତିଶୀଳ ଭି.ଏଚ.ଏଫ. କେନ୍ଦ୍ର ସ୍ଥାପନ କରାଯାଇଥିଲା । ରାଜ୍ୟର ବିଭିନ୍ନ ଥାନା ମାନଙ୍କରେ ଥିବା ଗାଡି ଏବଂ ପୋଲିସ କଣ୍ଟ୍ରୋଲ ରୁମ୍ ଗାଡି ଗୁଡିକରେ 29ଟି ଭ୍ରାମ୍ୟମାଣ ଭି.ଏଚ.ଏଫ. ଯନ୍ତ୍ର ଖଞ୍ଜା ଯାଇଥିଲା । ବନ୍ୟା ପ୍ରପୀଡିତ ଅଞ୍ଚଳରେ ଯୋଗାଯୋଗ ରକ୍ଷା ନିମନ୍ତେ 2008 ଜୁନ୍ ମାସଠାରୁ ନଭେମ୍ବର ମାସ ପର୍ଯ୍ୟନ୍ତ 27 ଗୋଟି ଏଚ୍.ଏଫ୍. / ଭି.ଏଚ୍.ଏଫ୍. କେନ୍ଦ୍ର ସ୍ଥାପନ କରାଯାଇଥିଲା । ଏତଦ୍ ବ୍ୟତୀତ ପର୍ବପର୍ବାଣୀ, ବିଶିଷ୍ଟ,

ଅତିବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ଗସ୍ତ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା କରିବାପାଇଁ ପର୍ଯ୍ୟାୟକ୍ରମେ 3,258 ଗୋଟି ସ୍ଥିର / ଭ୍ରାମ୍ୟମାଣ ଭି.ଏଚ୍.ଏଫ. ଏବଂ 3,470 ଗୋଟି ୱାକି ଟକି ସେଟ୍ ଅସ୍ଥାୟୀ ଭାବେ ନିୟୋଜିତ ହୋଇଥିଲା । ଏତଦ୍ ବ୍ୟତୀତ, ରାଜ୍ୟର ବିଭିନ୍ନ Line of sight ନଥିବା ନକ୍ସଲ ଅଧ୍ୟୁଷିତ ଅଞ୍ଚଳରେ ବାର୍ତ୍ତା ସରବରାହକୁ ସୁଗମ କରିବା ପାଇଁ ୩୧ ଗୋଟି ଏଚ.ଏଫ. ମାନପ୍ୟାକ୍ ସେଟ୍ ନିୟୋଜିତ କରାଯାଇଥିଲା ଏବଂ ଉପଗ୍ରହ ମାଧ୍ୟମରେ ଯୋଗାଯୋଗ ପାଇଁ Line of sight ନଥିବା ରାଜ୍ୟର ବିଭିନ୍ନ ଥାନା ମାନଙ୍କରେ 96 ଗୋଟି ମାର୍ଟ (ଆର.ଏସ୍.ୟୁ.) କେନ୍ଦ୍ର ସ୍ଥାପିତ ହୋଇଅଛି ।

1.1.18 **ପୋଲିସ ମୋଟର ପରିବହନ** :

ରାଜ୍ୟ ପୋଲିସ ଯାନବାହନ ସହିତ ସମ୍ପୃକ୍ତ ପୋଲିସ ମୋଟର ପରିବହନ ସଂସ୍ଥା ସମ୍ବଲପୁର ଓ ବ୍ରହ୍ମପୁର ଠାରେ 2ଟି ରେଞ୍ଜସ୍ତରୀୟ ମରାମତି କେନ୍ଦ୍ର, ରାଉରକେଲା ଓ କୋରାପୁଟଠାରେ 2ଗୋଟି ଆଞ୍ଚଳିକ ମରାମତି କେନ୍ଦ୍ର ତଥା, ବିଭିନ୍ନ ସ୍ଥାନରେ 17 ଗୋଟି ବାଟାଲିୟନ / ଜିଲ୍ଲାସ୍ତରୀୟ କ୍ଷୁଦ୍ର ମରାମତି କେନ୍ଦ୍ର ସହିତ କଟକସ୍ଥିତ ମୁଖ୍ୟ ଦସ୍ତରରେ କାର୍ଯ୍ୟ କରୁଛି । ବିଭିନ୍ନ ମରାମତି କେନ୍ଦ୍ରରେ ବର୍ଷକ ମଧ୍ୟରେ 62,901 ଗୋଟି ବୃହତ୍ ଧରଣର ଓ 88,076 ଗୋଟି କ୍ଷୁଦ୍ର ଧରଣର ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଛି । 2008 ବର୍ଷରେ ସର୍ବମୋଟ 19 ଗୋଟି ଅବ୍ୟବହୃତ ଗାଡିର ନିଲାମ କରାଯାଇ ବିକ୍ରୟ ଲବ୍ଧ ଧନ ବାବଦକୁ ଟ. 6,44,919/-ଙ୍କା ସରକାରୀ କୋଷାଗାରରେ ଜମା କରାଯାଇଥିଲା । କଟକ, ତୁଳସୀପୁରସ୍ଥିତ ପୋଲିସ ମୋଟର ପରିବହନ ପ୍ରଶିକ୍ଷଣ କେନ୍ଦ୍ରରେ 132 ଜଣ ପୋଲିସ କର୍ମଚାରୀଙ୍କୁ ଗାଡି ଚାଳନା ଓ ରକ୍ଷଣାବେକ୍ଷଣ, ତଥା ଯାନବାହନର ଯାନ୍ତ୍ରିକ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା ।

1.1.19 **ମାନବାଧିକାର ସୁରକ୍ଷା ପ୍ରତିଷ୍ଠାନ**

ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟ କଟକରେ ରାଜ୍ୟ ମାନବାଧିକାର ସୁରକ୍ଷା ପ୍ରତିଷ୍ଠାନ ଏକ ସ୍ୱତନ୍ତ୍ର ଶାଖା ଭାବରେ କାର୍ଯ୍ୟ କରୁଅଛି । ଏହି ଶାଖା ରାଜ୍ୟର ମହିଳା ମାନଙ୍କ ବିରୁଦ୍ଧରେ ଯୌତୁକ ଓ ଅଣ ଯୌତୁକ ଜନିତ ଅପରାଧ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଉପଜାତି ମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଏବଂ ପୋଲିସ ହାଜତରେ ମୃତ୍ୟୁଜନିତ ମୋକଦ୍ଦମାଗୁଡିକରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତି । ଏହା

ଜାତୀୟ ମାନବାଧିକାର ଆୟୋଗ, ରାଜ୍ୟ ମାନବ ଅଧିକାର ଆୟୋଗ, ଜାତୀୟ ମହିଳା ଆୟୋଗ, ରାଜ୍ୟ ମହିଳା ଆୟୋଗ ଏବଂ ଜାତୀୟ ତଫସିଲଭୁକ୍ତ ଜାତି ଓ ଉପଜାତି ଆୟୋଗ ମଧ୍ୟରେ ଏକ ସଂଯୋଗକାରୀ ସଂସ୍ଥା ଭାବେ କାର୍ଯ୍ୟ କରିଥାଏ । ଏହା ବ୍ୟତୀତ ରାଜ୍ୟ ପୋଲିସ କାର୍ଯ୍ୟାଳୟରୁ ପ୍ରେରିତ ହୋଇଥିବା ମାନବାଧିକାରଜନିତ ସମସ୍ତ ବିଷୟଗୁଡିକ ରାଜ୍ୟ ମାନବାଧିକାର ପ୍ରକୋଷ୍ଠରେ କାର୍ଯ୍ୟକାରୀ ହୋଇଥାଏ । ଅଧିକନ୍ତୁ ମହିଳା ଓ ତଫସିଲଭୁକ୍ତ ଜାତି ଓ ତଫସିଲଭୁକ୍ତ ଉପଜାତିମାନଙ୍କ ଉପରେ ହେଉଥିବା ନିର୍ଯ୍ୟାତନାଜନିତ ଆବେଦନଗୁଡିକ ଏହି ସଂସ୍ଥାଦ୍ୱାରା ଅନୁସନ୍ଧାନ କିମ୍ବା ପର୍ଯ୍ୟାଲୋଚନା କରାଯାଇଥାଏ । କେତେକ ବିଶେଷ ମୋକଦ୍ଦମାରେ ଏହି ସଂସ୍ଥା ଅନୁସନ୍ଧାନ ନିମନ୍ତେ ପୂର୍ଣ୍ଣମାତ୍ରାରେ କ୍ଷମତା ପ୍ରୟୋଗ କରିଥାଏ । ରାଜ୍ୟର ପୋଲିସ ହାଜତରେ ମୃତ୍ୟୁଜନିତ ମୋକଦ୍ଦମାଗୁଡିକୁ ରାଜ୍ୟ ମାନବାଧିକାର ସୁରକ୍ଷା ପ୍ରତିଷ୍ଠାନ ତଦନ୍ତ କରିଥାଏ । ସମସ୍ତ ଜିଲ୍ଲାର ମାନବାଧିକାର ସୁରକ୍ଷା ପ୍ରକୋଷ୍ଠ ସଠିକ୍ ଭାବରେ କାର୍ଯ୍ୟକାରୀ କରିବାପାଇଁ ସମ୍ପୃକ୍ତ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ମାନଙ୍କୁ ରାଜ୍ୟ ମାନବାଧିକାର ସୁରକ୍ଷା ପ୍ରତିଷ୍ଠାନ ଆବଶ୍ୟକୀୟ ନିୟମାବଳୀ ପ୍ରଦାନ କରିଥାନ୍ତି । 2007 ମସିହାରେ 3,116ଟି ଯୌତୁକ ଓ ଅଣ ଯୌତୁକ ଜନିତ୍ ମୋକଦ୍ଦମା ହୋଇଥିବା ବେଳେ ଚଳିତ ବର୍ଷ 3,375ଟି ହୋଇଅଛି। ତଫସିଲଭୁକ୍ତ ଜାତି ଓ ଉପଜାତିଙ୍କ ଉପରେ ନିର୍ଯ୍ୟାତନା ଜନିତ ମୋକଦ୍ଦମା ବିଗତ ବର୍ଷ 1,749 ହୋଇଥିବା ସ୍ଥଳେ ଚଳିତ ବର୍ଷ 1639ଟି ମୋକଦ୍ଦମା ହୋଇଅଛି । ବିଭିନ୍ନ ଗଣମାଧ୍ୟମ, ସମ୍ବାଦପତ୍ର, ଜିଲ୍ଲା ପ୍ରଶାସନ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନଗୁଡିକ ତଫସିଲଭୁକ୍ତ ଜାତି ଓ ଉପଜାତିମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିବାରୁ ଏହି ଅପରାଧର ବୃଦ୍ଧି ରୋକାଯାଇ ପାରିଛି ।

ରାଜ୍ୟ ମାନବାଧିକାର ସୁରକ୍ଷା ପ୍ରତିଷ୍ଠାନ ଚଳିତବର୍ଷ 6ଟି ଯୌତୁକ ଜନିତ ମୋକଦ୍ଦମାର ଅନୁସନ୍ଧାନ କରି 2ଟି ମୋକଦ୍ଦମାରେ ଅଭିଯୋଗ ପତ୍ର ଦାଖଲ କରିଥିବା ସ୍ଥଳେ 4ଟିର ତଦନ୍ତ ଅସମ୍ପୂର୍ଣ୍ଣ ରହିଛି । ଚଳିତ ବର୍ଷ ବିବାହ ଜନିତ ଯୌତୁକ ନିର୍ଯ୍ୟାତନା, ତଫସିଲଭୁକ୍ତ ଜାତି ଓ ଉପଜାତିଙ୍କ ଉପରେ ନିର୍ଯ୍ୟାତନା ଏବଂ ଅନ୍ୟାନ୍ୟ କ୍ଷେତ୍ରରେ 537ଟି ଅଭିଯୋଗ ଆବେଦନ ପତ୍ର ରାଜ୍ୟ ମାନବାଧିକାର ସୁରକ୍ଷା ପ୍ରତିଷ୍ଠାନରେ ଗ୍ରହଣ କରାଯାଇଅଛି । ଏହି ମୋକଦ୍ଦମା ଗୁଡିକ ମଧ୍ୟରୁ 130ଟି ଆବେଦନ ପତ୍ରରେ ଆଇନାନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଫଏସଲା କରାଯାଇଅଛି।

ବାକି 407 ଟି ଆବେଦନ ପତ୍ରର ଅନୁସନ୍ଧାନ ସମ୍ପୃକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ତଦନ୍ତ ପାଇଁ ରହିଛି ।

ଜାତୀୟ ମାନବାଧିକାର ଆୟୋଗ, ନୂଆଦିଲ୍ଲୀଙ୍କଠାରୁ ଚଳିତ ବର୍ଷ 50ଟି ଅଭିଯୋଗ ମିଳିଛି । ଏହି ଅଭିଯୋଗଗୁଡିକ ମଧ୍ୟରୁ 45ଟି ଅଭିଯୋଗ ଉପରେ ଆବଶ୍ୟକୀୟ ପଦକ୍ଷେପ ନେଇ ଫଏସଲା କରାଯାଇଅଛି । ବକେୟା ଥିବା 13ଟି ଆବେଦନ ପତ୍ର ସମ୍ପୃକ୍ତ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଅନୁସନ୍ଧାନ ନିମନ୍ତେ ରହିଅଛି । ଜାତୀୟ ମାନବାଧିକାର ଆୟୋଗଙ୍କଦ୍ୱାରା ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ମୋକଦ୍ଦମାଗୁଡିକର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ତଥ୍ୟ ପ୍ରଦାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ରାଜ୍ୟ ମାନବାଧିକାର ସୁରକ୍ଷା ପ୍ରତିଷ୍ଠାନ ଏକ ସଂଯୋଗକାରୀ ସଂସ୍ଥାରୂପେ କାର୍ଯ୍ୟ କରୁଅଛି । ଚଳିତବର୍ଷ ରାଜ୍ୟ ମାନବାଧିକାର ଆୟୋଗ ଭୁବନେଶ୍ୱରଙ୍କଠାରୁ 17ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଅଛି । ସେଗୁଡିକ ମଧ୍ୟରୁ 11ଟି ମୋକଦ୍ଦମାରେ ସମ୍ପୃକ୍ତ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣକରି ମାନବାଧିକାର ଆୟୋଗ, ଓଡିଶାଙ୍କୁ ପ୍ରଦାନ କରିଛନ୍ତି । ୬ଟି ଅଭିଯୋଗ ପତ୍ର ସମ୍ପୃକ୍ତ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ବକେୟା ରହିଛି ।

ଚଳିତ ବର୍ଷ ରାଜ୍ୟ ମହିଳା ଆୟୋଗ, ଭୁବନେଶ୍ୱରଙ୍କ ନିକଟରେ 131ଟି ଆବେଦନ ପତ୍ର ଗ୍ରହଣ କରାଯାଇ ତନ୍ମଧ୍ୟରୁ 21ଟି ଆବେଦନ ପତ୍ରର ଫଏସଲା ହୋଇଛି ଏବଂ 110ଟି ଆବେଦନ ପତ୍ର ସମ୍ପୃକ୍ତ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ବକେୟା ରହିଅଛି ।

ରାଜ୍ୟ ମାନବାଧିକାର ସୁରକ୍ଷା ପ୍ରତିଷ୍ଠାନରେ ଏକ ପରିବାର ପରାମର୍ଶ କେନ୍ଦ୍ର ଖୋଲାଯାଇଛି । ଏଥିରେ ଯୌତୁକଜନିତ ସମସ୍ୟା, ପାରିବାରିକ କଳହ ଓ ଦାମ୍ପତ୍ୟ ଜୀବନର ପୁନଃ ପ୍ରତିଷ୍ଠା ଇତ୍ୟାଦି ଅଭିଯୋଗ ଗୁଡିକ ପଞ୍ଜୀକୃତ କରାଯାଇ ସରକାରଙ୍କଦ୍ୱାରା ନିଯୁକ୍ତ ବୃତ୍ତିଗତ ପରାମର୍ଶଦାତ୍ରୀ ମାନଙ୍କ ଦ୍ୱାରା ସମସ୍ୟାର ସମାଧାନ କରାଯାଉଅଛି ।

ବିଗତ 2007 ମସିହାରେ ପରିବାର ପରାମର୍ଶ କେନ୍ଦ୍ରରେ 125ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିବା ସ୍ଥଳେ ଚଳିତ ବର୍ଷ ୨୫ଟି ଅଭିଯୋଗ ଗ୍ରହଣ କରାଯାଇଅଛି । ତନ୍ମଧ୍ୟରୁ 61ଟି ଅଭିଯୋଗ ଆପୋଷ ବୁଝାମଣାରେ ସମାଧାନ ହୋଇଥିବା ବେଳେ, ବକେୟା 37ଟି ମୋକଦ୍ଦମା ଫଏସଲା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଉଅଛି । ସମସ୍ତ ଜିଲ୍ଲାର ଆରକ୍ଷୀ ଅଧୀକ୍ଷକ ମାନଙ୍କୁ

ଜିଲ୍ଲା ମାନବାଧିକାର ସୁରକ୍ଷା ପ୍ରତିଷ୍ଠାନର କାର୍ଯ୍ୟକାରିତା ଉପରେ ଦୃଷ୍ଟି ରଖିବାପାଇଁ ନିର୍ଦ୍ଦେଶ ଦିଆଯାଇଛି ।

1.1.20 **ମହିଳା ଓ ଶିଶୁ ଡେସ୍କ**

ମହିଳା ଓ ଶିଶୁମାନଙ୍କ ଉପରେ ହେଉଥିବା ନିର୍ଯ୍ୟାତନାର ପ୍ରତିକାର ପାଇଁ ଓଡିଶା ସରକାର 460ଗୋଟି ଥାନାରେ ମହିଳା ଓ ଶିଶୁ ଡେସ୍କ ପ୍ରତିଷ୍ଠା କରିଛନ୍ତି । ଉକ୍ତ ମହିଳା ଓ ଶିଶୁ ଡେସ୍କରେ କାର୍ଯ୍ୟରତ ପୋଲିସ୍ କର୍ମଚାରୀମାନଙ୍କୁ ସମ୍ବେଦନଶୀଳ ପ୍ରଶିକ୍ଷଣ, ଗୃହ ବିଭାଗ ଓ ମହିଳା ଶିଶୁ କଲ୍ୟାଣ ବିଭାଗର ମିଳିତ ଆନୁକୁଲ୍ୟରେ ଯୋଗାଇ ଦିଆ ଯାଉଅଛି । ଏହି ସମସ୍ତ ଡେସ୍କରେ ଉପଯୁକ୍ତ କାର୍ଯ୍ୟ ସମ୍ପାଦନ ନିମନ୍ତେ ବିଜୁପଟ୍ଟନାୟକ ରାଜ୍ୟ ପୋଲିସ୍ ଏକାଡେମୀରେ ଆବଶ୍ୟକ ପ୍ରଶିକ୍ଷଣ ଦିଆଯାଇଛି ।

1.2 **ଓଡିଶା ରାଜ୍ୟ ପୋଲିସ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ** :

ଓଡିଶା ରାଜ୍ୟ ପୋଲିସ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ 24.05.1980 ତାରିଖ ଦିନ ପ୍ରତିଷ୍ଠିତ ହୋଇଥିଲା । ଏହି ନିଗମର ମୁଖ୍ୟ ଉଦ୍ଦେଶ୍ୟ ଗୁଡିକ ହେଉଛି :-

କ) ରାଜ୍ୟ ସରକାରଙ୍କ ପୋଲିସ, ଭିଜିଲାନସ୍, ଅଗ୍ନିଶମ ସେବା ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ଆବାସିକ ଓ ଅଣ ଆବାସିକ ବାସଗୃହ ନିର୍ମାଣ ।

ଖ) ଏହି ସଂସ୍ଥାର ରାସ୍ତା ଓ କୋଠାବାଡି ନିର୍ମାଣ, ମରାମତି, ରକ୍ଷଣାବେକ୍ଷଣ ତଥା ପୁନରୁଦ୍ଧାର କାର୍ଯ୍ୟ।

ଗ) ଏଥି ସହିତ କାରାଗାର ସଂସ୍ଥା ଓ ବିଚାରାଳୟ ସଂସ୍ଥାର ବିଭିନ୍ନ ନିର୍ମାଣ କାର୍ଯ୍ୟ ।

ଏହି ନିଗମ ପ୍ରତିକୂଳ ପରିସ୍ଥିତି ଏପରିକି ନକ୍ସଲ ଉପଦ୍ରୁତ ଅଞ୍ଚଳରେ ମଧ୍ୟ କାର୍ଯ୍ୟ କରି ଏହାର ଦକ୍ଷତା ପ୍ରତିପାଦନ କରିପାରିଛି । 2008 ବର୍ଷରେ ନିମ୍ନୋକ୍ତ ସଂଖ୍ୟକ କୋଠାବାଡି ଇତ୍ୟାଦି କାର୍ଯ୍ୟ ସମ୍ପୂର୍ଣ୍ଣ କରି ଏହି ନିଗମ ସଂପୃକ୍ତ ବିଭାଗମାନଙ୍କୁ ହସ୍ତାନ୍ତର କରିଛି ।

| ସଂସ୍ଥାମାନଙ୍କର ନାମ | ବାସଗୃହ | ଅଣ ବାସଗୃହ | ଅନ୍ୟାନ୍ୟ |
|---|---|---|---|
| ପୋଲିସ | 241 | 79 | 07 |
| ଅଗ୍ନିଶମ ସେବା | 15 | 18 | -- |
| କାରାଗାର | 354 | 11 | 166 |
| ବିଚାର ବିଭାଗ | -- | 16 | -- |
| ମୋଟ | 610 | 124 | 173 |

ନିଗମର କାର୍ଯ୍ୟଦକ୍ଷତା ଓ କାର୍ଯ୍ୟର ମାନବୃଦ୍ଧି ଉଦ୍ଦେଶ୍ୟରେ ନିକଟରେ କର୍ମଚାରୀମାନଙ୍କର କର୍ତ୍ତବ୍ୟ ଓ ଦାୟିତ୍ୱର ବିକେନ୍ଦ୍ରୀକରଣ ସହିତ ସେମାନଙ୍କର ପୁନର୍ବିନ୍ୟାସ କରାଯାଇଛି । ବିକେନ୍ଦ୍ରୀକରଣ ମାଧ୍ୟମରେ 2008-09 ବର୍ଷରେ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇ ଲକ୍ଷ୍ୟ ହାସଲ ନିମନ୍ତେ ନୂତନ ଡିଭିଜନମାନ ଖୋଲାଯାଇଛି ।

2. **କାରାଗାର ପ୍ରଶାସନ** :

2.1 ଭୁବନେଶ୍ୱରସ୍ଥ କାରାଗାର ନିର୍ଦ୍ଦେଶାଳୟ ଅଧୀନରେ 70 (ସତୁରି)ଟି କାରାଗାର ଏବଂ 55 (ପଞ୍ଚାବନ)ଟି ବନ୍ଦୀ ଚରିତ୍ର ସଂଶୋଧନକାରୀ ଅନୁଷ୍ଠାନ ରହିଛି ।

2.2 କାରାଗାର ଆଧୁନିକୀକରଣ ଯୋଜନାରେ ଓଡିଶା ସରକାର 21 (ଏକୋଇଶ)ଟି ନୂତନ ଉପ-କାରାଗାର ନିର୍ମାଣ ନିମନ୍ତେ ଅନୁମୋଦନ ଦେଇଛନ୍ତି । ତନ୍ମଧ୍ୟରୁ ସାତଟି କାର୍ଯ୍ୟକ୍ଷମ ହୋଇଅଛି । ଏଗାରଟି କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ସ୍ଥଳେ ଅବଶିଷ୍ଟ ତିନୋଟି ନିର୍ମାଣାଧୀନ ଅଛି ।

2.3 କାରାଗାର ଏକାଡେମୀ ନିର୍ମାଣପାଇଁ ରାଜ୍ୟ ଯୋଜନାର 2008-09 ଅତିରିକ୍ତ ବ୍ୟୟବରାଦରେ 50 ଲକ୍ଷ ଟଙ୍କାର ଅର୍ଥବ୍ୟବସ୍ଥା କରାଯାଇଅଛି ।

2008-09 ଆର୍ଥିକ ବର୍ଷରେ 905.51 ଲକ୍ଷ ଟଙ୍କାର ରାଜ୍ୟ ଯୋଜନା ବ୍ୟୟ ଏବଂ 600.00 ଲକ୍ଷ ଟଙ୍କାର ଅଣଯୋଜନା ବ୍ୟୟ ଏହିପରି ମୋଟ 1505.51 ଲକ୍ଷ ଟଙ୍କାର ଅର୍ଥ ବ୍ୟବସ୍ଥା ହୋଇଅଛି । ସେଥିରୁ ୪ଟି କାରାଗାରର ଅଣ ଆବାସିକ କୋଠାବାଡି ନିର୍ମାଣ ଓ ମରାମତି ବାବଦରେ 70.00 ଲକ୍ଷ ଟଙ୍କା, 21ଟି କାରାଗାରର ବୈଦ୍ୟୁତିକ କାର୍ଯ୍ୟର ଉନ୍ନତିକରଣ ପାଇଁ 66.00 ଲକ୍ଷ ଟଙ୍କା, ୨ ଟି କାରାଗାରରେ ସଫେଇ ତଥା ଜଳଯୋଗାଣର ଉନ୍ନତି ନିମନ୍ତେ 11.38 ଲକ୍ଷ ଟଙ୍କା, କାରାଗାର ଓ ଉପକାରାଗାର ଗୁଡିକର ବିଭିନ୍ନ ପ୍ରକାର କର୍ମଚାରୀମାନଙ୍କ ଆବାସିକ କୋଠାବାଡି ନିର୍ମାଣପାଇଁ 320.40 ଲକ୍ଷ ଟଙ୍କା, 10ଟି କାରାଗାରରେ ନିରୀକ୍ଷଣ ଟାୱାର ନିର୍ମାଣ ତଥା ସୁରକ୍ଷାକରଣ ନିମନ୍ତେ 377.13 ଲକ୍ଷ ଟଙ୍କା ଏବଂ ଭୁବନେଶ୍ୱରଠାରେ କାରାଗାର ଏକାଡେମୀ ପ୍ରତିଷ୍ଠା ବାବଦରେ 50.00 ଲକ୍ଷ ଟଙ୍କା ଚିହ୍ନିତ କରାଯାଇଅଛି । ଏ ସମସ୍ତ କାର୍ଯ୍ୟ ଓଡିଶା ପୁଲିସ ଗୃହନିର୍ମାଣ ଓ ମଙ୍ଗଳ ନିଗମ ଲି:, ଭୁବନେଶ୍ୱରଙ୍କ ଜରିଆରେ ନିର୍ବାହିତ ହେଉଅଛି ।

ଏତଦ୍‌ବ୍ୟତୀତ 41ଟି କାରାଗାରରେ ସଫେଇ ଓ ଜଳଯୋଗାଣର ଉନ୍ନତିକରଣ ନିମନ୍ତେ 200.00 ଲକ୍ଷ ଟଙ୍କା, 34ଟି କାରାଗାରର

ରକ୍ଷାଣାବେକ୍ଷଣ ତଥା ମରାମତି ବାବଦରେ 300.00 ଲକ୍ଷ ଟଙ୍କା ଏବଂ 21ଟି କାରାଗାରର କର୍ମଚାରୀଙ୍କ ବାସଭବନର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ 100.00 ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଅଛି । ଉକ୍ତ କାର୍ଯ୍ୟଗୁଡିକ ନିର୍ମାଣ ବିଭାଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ମାଧ୍ୟମରେ ସମ୍ପାଦିତ ହେଉଅଛି ।

କେନ୍ଦ୍ରୀୟ ପ୍ରବର୍ତ୍ତିତ ଅଣ-ଯୋଜନାରେ 2002-03 ରୁ 2006-07 ଆର୍ଥିକ ବର୍ଷ ମଧ୍ୟରେ 21ଟି ନୂତନ ଉପକାରାଗାର ନିର୍ମାଣ କାର୍ଯ୍ୟ ଗ୍ରହଣ କରାଯାଇଥିବା ସ୍ଥଳେ 2008-09 ସୁଦ୍ଧା ସାତଟି ନୂତନ ଉପକାରାଗାର ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ କରାଯାଇଅଛି ।

ଶୁନ୍ୟ ଥିବା 363ଟି କାରାଗାର ରକ୍ଷୀ ପଦବୀକୁ 2008 ମସିହାରେ ସିଧାସଳଖ ନିଯୁକ୍ତି ମାଧ୍ୟମରେ ପୂରଣ କରାଯାଇଅଛି ।

2.4 କେତେକ ନିର୍ଦ୍ଦିଷ୍ଟ କାରାଗାରର ନିରାପତ୍ତା ଜୋରଦାର କରିବା ଉଦ୍ଦେଶ୍ୟରେ ଚଳମାନ ଟେଲିଫୋନ୍ ନିରୋଧକ ଯନ୍ତ୍ର, ଭିଡିଓ ସମ୍ମିଳନୀ ପ୍ରଣାଳୀ ଏବଂ ନିଭୃତ ପରିପଥ ଦୂରଦର୍ଶନ ପଦ୍ଧତିର ସଦୁପଯୋଗ କରାଯାଇପାରିଛି ।

2.5 କାରାମୁକ୍ତମାନେ ସମାଜରେ ନିଜ ଗୋଡରେ ଠିଆ ହେବାପାଇଁ ରାଜ୍ୟ ସରକାର ଏକ ସୁପରିକଳ୍ପିତ ଯୋଜନା ମାଧ୍ୟମରେ ସଂସ୍କାର ଓ ଥଇଥାନର ଲକ୍ଷ୍ୟ ରଖିଛନ୍ତି । ଏଥି ନିମନ୍ତେ କାରାଗାର ଅଧିକାରୀ ଓ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଏବଂ କାରାମୁକ୍ତ ଓ ଦାରିଦ୍ର୍ୟ ସୀମାରେଖାତଳେ ଥିବା ବନ୍ଦୀମାନଙ୍କ ପରିବାରର ବ୍ୟକ୍ତିବିଶେଷଙ୍କୁ ଆର୍ଥିକ ସହାୟତାର ଆବଶ୍ୟକତା ରହିଛି ।

## 3. <u>ଗୃହରକ୍ଷୀ ବାହିନୀ</u> :

ଗୃହରକ୍ଷୀ ବାହିନୀର ସ୍ୱେଚ୍ଛାସେବୀମାନେ ରାଜ୍ୟ ପୋଲିସ୍, କାରାଗାର ଓ ଅଗ୍ନିଶମ ସେବାର ସହାୟକ ରୂପେ କାର୍ଯ୍ୟ କରନ୍ତି । ଆଭ୍ୟନ୍ତରୀଣ ନିରାପତ୍ତା, ଆଇନଶୃଙ୍ଖଳା, ଅପରାଧ ନିବାରଣ, ଅପରାଧୀଙ୍କୁ ଧରିବା, ବିଶିଷ୍ଟ ବ୍ୟକ୍ତିଙ୍କ ନିରାପତ୍ତା, ଟ୍ରାଫିକ ନିୟନ୍ତ୍ରଣ, ଦିବାରାତ୍ର ପେଟ୍ରୋଲିଂ ଓ ବିଭିନ୍ନ ରାଷ୍ଟ୍ରାୟତ୍ତ ସଂସ୍ଥାମାନଙ୍କର ନିରାପତ୍ତା କାର୍ଯ୍ୟରେ ଏମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉଦ୍ଧାର ଓ ରିଲିଫ କାର୍ଯ୍ୟରେ ମଧ୍ୟ ଏମାନେ ସ୍ୱେଚ୍ଛାସେବୀଭାବେ କାର୍ଯ୍ୟ କରନ୍ତି ।

ପୂର୍ବରୁ ରାଜ୍ୟରେ 15,000 ଗୃହରକ୍ଷୀ ଥିବାବେଳେ 2008 ବର୍ଷରେ ଏହି ସଂଖ୍ୟା 15,708 କୁ ବୃଦ୍ଧି ପାଇଛି । ତା.05.08.2008ରିଖରୁ ଗୃହରକ୍ଷୀମାନଙ୍କର ଦୈନିକ ଡିଉଟି କଲ୍ଅପ୍ ଭତ୍ତାକୁ 75 ଟଙ୍କାରୁ 90 ଟଙ୍କାକୁ ବୃଦ୍ଧି କରାଯାଇଛି । ଏହା ବ୍ୟତୀତ ତା.15.02.2008 ରିଖରେ ନୟାଗଡଠାରେ ନକ୍ସଲବାଦୀମାନଙ୍କ ସହ ଲଢେଇ ସମୟରେ ଶହୀଦ ହୋଇଥିବା ନୟାଗଡ ଜିଲ୍ଲାର ଗୃହରକ୍ଷୀ ସ୍ୱେଚ୍ଛାସେବୀ ✓ ଚିନ୍ତାମଣୀ ସାହୁଙ୍କ ପରିବାରବର୍ଗଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ 10 ଲକ୍ଷ ଟଙ୍କାର ସହାୟତା ରାଶି ମଞ୍ଜୁର କରାଯାଇଛି ।

2008-09 ବର୍ଷର ସ୍ୱାଧୀନତା ଦିବସ ଓ ଜନରାଜ୍ୟ ଦିବସରେ ରାଜ୍ୟର ନିମ୍ନୋକ୍ତ ଗୃହରକ୍ଷୀ ସ୍ୱେଚ୍ଛାସେବୀମାନେ ଉତ୍ତମ ସେବାପାଇଁ ରାଷ୍ଟ୍ରପତିଙ୍କ ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ପଦକ ପାଇଛନ୍ତି ।

**ସ୍ୱାଧୀନତା ଦିବସ**-2008

1. ଶ୍ରୀ କମଳାକାନ୍ତ ଦାଶ, ସହକାରୀ ସେକ୍ସନ ଲିଡର, ରାଉରକେଲା ଗୃହରକ୍ଷୀ ବାହିନୀ ।

**ଜନରାଜ୍ୟ ଦିବସ**-2009

1. ଶ୍ରୀ ନାରାୟଣ ମୁଖାର୍ଜୀ, ପ୍ଲାଟୁନ୍ କମାଣ୍ଡର, ପୁରୀ ଗୃହରକ୍ଷୀ ବାହିନୀ ।
2. ଶ୍ରୀ ବିଦ୍ୟାଧର ଜେନା, ପ୍ଲାଟୁନ୍ କମାଣ୍ଡର, କଟକ ଗୃହରକ୍ଷୀ ବାହିନୀ ।

ଏତଦ୍ ବ୍ୟତୀତ 2008 ମସିହା ସ୍ୱାଧୀନତା ଦିବସରେ କଟକ ଗୃହରକ୍ଷୀ ବାହିନୀର ଗୃହରକ୍ଷୀ ଶ୍ରୀ ସରୋଜ ସାମଲ ଓ ପୁରୀ ଗୃହରକ୍ଷୀ ବାହିନୀର ପ୍ଲାଟୁନ୍ କମାଣ୍ଡର ଶ୍ରୀ ନାରାୟଣ ମୁଖାର୍ଜୀ, ବେସାମରିକ ପ୍ରତିରକ୍ଷା ମହାନିର୍ଦ୍ଦେଶକଙ୍କ ପଦକ ଓ ପ୍ରଶଂସାପତ୍ର ପ୍ରାପ୍ତ ହୋଇଛନ୍ତି ।

2008-09 ବର୍ଷରେ ରାଜ୍ୟର 902 ଜଣ ଗୃହରକ୍ଷୀଙ୍କୁ ପ୍ରାଥମିକ ତାଲିମ ପ୍ରଦାନ କରାଯାଇଛି ଓ 2,038 ଜଣ ଗୃହରକ୍ଷୀଙ୍କୁ ପୁନରାବୃତ୍ତି ପାଠ୍ୟକ୍ରମରେ ତାଲିମ୍ ପ୍ରଦାନ କରାଯାଇଛି ।

ଏକ ସ୍ୱେଚ୍ଛାସେବୀ ବାହିନୀ ହେବା ସତ୍ତ୍ୱେ ଗୃହରକ୍ଷୀ ବାହିନୀ ଆଇନଶୃଙ୍ଖଳା, ନିରାପତ୍ତା ଓ ବିପର୍ଯ୍ୟୟ ସମୟରେ ଜରୁରୀକାଳୀନ ଉଦ୍ଧାର କାର୍ଯ୍ୟାଦି ସମସ୍ତ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଆସିଛି ।

## 4. ଅଗ୍ନିଶମ ସେବା

4.1 ଓଡିଶା ଅଗ୍ନିଶମ ସେବା ସଂସ୍ଥା ଏକ ଲୋକୋପଯୋଗୀ ସେବା ସଂସ୍ଥା । ଏହି ସଂସ୍ଥା ଧନ ଓ ଜୀବନକୁ ଅଗ୍ନି କବଳରୁ ରକ୍ଷା କରିବା ଭଳି ମୂଲ୍ୟବାନ ସେବା ପ୍ରଦାନ କରିଆସୁଛି । ଅଗ୍ନିଶମ ସେବା କର୍ମଚାରୀମାନଙ୍କୁ ଦୂର୍ବିପାକ ସମୟରେ ସହାୟତା ପ୍ରଦାନ ପାଇଁ ନିୟୋଜିତ କରାଯାଇଥାଏ । ରାଜ୍ୟରେ 171 ଟି ଦମକଳ କେନ୍ଦ୍ର କାର୍ଯ୍ୟ କରୁଛି । ତନ୍ମଧ୍ୟରୁ 12ଟି ଦମକଳ କେନ୍ଦ୍ର 2008-09 ବର୍ଷରେ ଖୋଲାଯାଇଛି ।

4.2 2008-09 ବର୍ଷରେ (ତା.31.03.2009 ରିଖ ପର୍ଯ୍ୟନ୍ତ ) 11,551 ଗୋଟି ଅଗ୍ନିଶମ ସେବା ଡାକରା ( Fire Service Call ) ଓ 6015 ଗୋଟି ସ୍ୱତନ୍ତ୍ର ସେବା ଡାକରା (Special Calls ) ଅଗ୍ନିଶମ ସେବା ସଂସ୍ଥା ପାଇ ସୁଚାରୁରୂପେ ଫଳପ୍ରଦ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାଦ୍ୱାରା 154 ଜଣ ମନୁଷ୍ୟ ଏବଂ 61ଟି ପଶୁଙ୍କ ଜୀବନ ବଞ୍ଚାଇବା ସହ 122,44,31,900/- ଟଙ୍କାର ସମ୍ପତ୍ତି ଉଦ୍ଧାର କରାଯାଇଥିଲା । ଅଗ୍ନିଶମ ସେବା କର୍ମଚାରୀମାନେ ବିଭିନ୍ନ ମେଳା ଓ ମହୋତ୍ସବରେ ଅଗ୍ନି ପ୍ରତିରୋଧପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତି । ଏହି କର୍ମଚାରୀମାନେ ମଧ୍ୟ ବିଶିଷ୍ଟ ଓ ଅତି ବିଶିଷ୍ଟ ବ୍ୟକ୍ତି ମାନଙ୍କ ଗସ୍ତ ସମୟରେ ଅଗ୍ନି ପ୍ରତିରୋଧ ସେବା ପ୍ରଦାନ ପାଇଁ ନିୟୋଜିତ ହୋଇଥାନ୍ତି ।

4.3 2008-09 ବର୍ଷରେ 15 ଗୋଟି ଦମକଳ କେନ୍ଦ୍ର ଗୃହ ଏବଂ 14 ଗୋଟି କର୍ମଚାରୀ ବାସଗୃହ ନିର୍ମାଣ କରାଯାଇ ନିୟୋଜିତ ହୋଇଅଛି ।

4.4 2008-09 ବର୍ଷରେ 16 ଜଣ ଅଗ୍ନିଶମ ସେବା ଅଧିକାରୀ ଓ କର୍ମଚାରୀଙ୍କୁ ଅଗ୍ନିଶମ ସାହସିକତା ପଦକ, ବିଶିଷ୍ଟ ଅଗ୍ନିଶମ ସେବା ପଦକ ଓ ଅଗ୍ନିଶନ ସେବା ପଦକ ପ୍ରଦାନ କରାଯାଇଅଛି ।

4.5 ଚଳିତ ଆର୍ଥିକ ବର୍ଷରେ ଗାଡି ଭଡା ଏବଂ ଅକାମୀ ଗାଡି ବିକ୍ରି ବାବଦରେ 14,07,510 ଟଙ୍କାର ରାଜସ୍ୱ ଆଦାୟ କରାଯାଇ ସରକାରଙ୍କ ରାଜକୋଷରେ ଜମା କାରାଯାଇଛି ।

## 5. ବେସାମରିକ ପ୍ରତିରକ୍ଷା

5.1 ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନସାଧାରଣଙ୍କୁ ବିପଦରୁ ରକ୍ଷା କରିବା, ବିପର୍ଯ୍ୟୟ ପରବର୍ତ୍ତୀ ଅବସ୍ଥାର ମୁକାବିଲା କରିବା ଓ ଜୀବନରକ୍ଷା କରିବାର ସାଧନ ଯୋଗାଇଦେବା ଇତ୍ୟାଦି ମାନବୀୟ କାର୍ଯ୍ୟାବଳୀ ବେସାମରିକ ପ୍ରତିରକ୍ଷାକୁ ବୁଝାଏ ।

5.2 ଓଡିଶାରେ ଭୁବନେଶ୍ୱର, ରାଉରକେଲା, ପାରାଦ୍ୱୀପ, କୋରାପୁଟ ଓ ତାଳଚେର ଠାରେ ସୀମିତ ସଂଖ୍ୟକ ବେସାମରିକ ପ୍ରତିରକ୍ଷା କେନ୍ଦ୍ର କାର୍ଯ୍ୟ କରୁଛି ।

5.3 ପୂର୍ବରୁ ୪14 ଜଣ ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀଙ୍କୁ ବନ୍ୟା ଓ ବାତ୍ୟା ସମୟରେ ଜୀବନରକ୍ଷା କରିବା ପାଇଁ ପ୍ରଶିକ୍ଷଣ ଦିଆଯାଇଛି ।

5.4 ବେସାମରିକ ପ୍ରତିରକ୍ଷା ସ୍ୱେଚ୍ଛାସେବୀମାନେ ବିଶ୍ୱ ରେଡକ୍ରସ ଦିବସ, ଉତ୍କଳ ଦିବସ, ପଲ୍ସ ପୋଲିଓ ପ୍ରତିରୋଧକ କାର୍ଯ୍ୟକ୍ରମ, ସ୍ୱାଧୀନତା ଦିବସ, ଜାତୀୟ ମ୍ୟାଲେରିଆ ନିରାକରଣ କାର୍ଯ୍ୟକ୍ରମ ଭଳି ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଛନ୍ତି ।

**6. ନ୍ୟାୟପାଳିକା :**

**6.1 ଫାଷ୍ଟଟ୍ରାକ କୋର୍ଟ :**

2008-2009 ଆର୍ଥିକ ବର୍ଷରେ ରାଜ୍ୟ ସରକାର 33 ଗୋଟି ଫାଷ୍ଟଟ୍ରାକ୍ କୋର୍ଟର କାର୍ଯ୍ୟ ଚାଲୁ ରଖିବା ପାଇଁ 15୪.୪0 ଲକ୍ଷ ଟଙ୍କା କେନ୍ଦ୍ରୀୟ ଯୋଜନାରେ ପାଇଛନ୍ତି । ପୁରୁଣା କୋର୍ଟକେଶ୍ ଗୁଡିକର ତୁରନ୍ତ ଫଇସଲା କରିବାରେ ଏହି ଫାଷ୍ଟଟ୍ରାକ କୋର୍ଟ ଗୁଡିକର ଭୂମିକା ପ୍ରଶଂସନୀୟ । ଏହି ଫାଷ୍ଟଟ୍ରାକ୍ କୋର୍ଟ ଗୁଡିକ ତା. 30.11.2009 ରିଖ ସୁଦ୍ଧା 40,991 ଗୋଟି କେଶ୍ର ଫଇସଲା କରିଛନ୍ତି । ବର୍ତ୍ତମାନ କନ୍ଧମାଳ ଜିଲ୍ଲାରେ 2 ଗୋଟି ଫାଷ୍ଟଟ୍ରାକ୍ କୋର୍ଟ ସ୍ଥାପନ କରିବାପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଛି ।

**6.2 ନୂତନ କୋର୍ଟ ପ୍ରତିଷ୍ଠା**

2008-2009 ବର୍ଷରେ ଭୂବନ ଓ ଚାନ୍ଦବାଲି ଠାରେ ଗୋଟିଏ ଲେଖାଏଁ 2ଟି ସିଭିଲ ଜଜ୍ ( ଜୁନିୟର ଡିଭିଜନ ) ଅଦାଲତ ବିଧି ବିଭାଗ ଦ୍ୱାରା ପ୍ରତିଷ୍ଠା କରାଯାଇଛି । କ୍ରିମିନାଲ ପ୍ରୋସିଡିଓର କୋର୍ଡର ସେକ୍ସନ 1 ଓ 2 ବଳରେ ଫୌଜଦାରୀ ମୋକଦ୍ଦମା ଗୁଡିକର ବିଚାର ପାଇଁ କ୍ଷମତା ପ୍ରଦାନ କରି ସ୍ୱରାଷ୍ଟ୍ର ବିଭାଗ ଏହି ଅଦାଲତ ଦୁଇଟିକୁ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତ ମାନ୍ୟତା ଦେଇଛନ୍ତି ।

6.3 **ନ୍ୟାୟପାଳିକା ନିମନ୍ତେ ଭିତ୍ତିଭୂମି ନିର୍ମାଣ :**

ନ୍ୟାୟ ପ୍ରଦାନ କ୍ଷେତ୍ରରେ ଥିବା ଭିତ୍ତିଭୂମି ଜନିତ ଅସୁବିଧା ଦୂର କରିବାପାଇଁ ନ୍ୟାୟପାଳିକାକୁ ଆବଶ୍ୟକ ଭିତ୍ତିଭୂମି ଯୋଗାଣ ନିମନ୍ତେ ରାଜ୍ୟସରକାର ନୂତନ କୋଠାବାଡ଼ି ନିର୍ମାଣ ଓ ଅସଂପୂର୍ଣ୍ଣ ଗୃହଗୁଡ଼ିକୁ ସମ୍ପୂର୍ଣ୍ଣ କରିବାପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ତଦନୁଯାୟୀ 285.67 ଲକ୍ଷ ଟଙ୍କା ବ୍ୟୟରେ ସାଲେପୁର, ପଟ୍ଟାମୁଣ୍ଡାଇ, ଖରିଆର, ରାଜଗାଙ୍ଗପୁର ଓ କୁଚିଣ୍ଡାଠାରେ ଗୃହ ନିର୍ମାଣ କାର୍ଯ୍ୟ କରାଯାଇଛି । ସେହିଭଳି କେତେକ ନ୍ୟାୟାଳୟର ପୁରୁଣା ଗୃହ ମରାମତି ଓ ସମ୍ପ୍ରସାରଣ ସହିତ ଉଚ୍ଚନ୍ୟାୟାଳୟର ମୁଖ୍ୟବିଚାରପତିଙ୍କ ବାସଗୃହ ନିର୍ମାଣ ଏବଂ ଉଚ୍ଚନ୍ୟାୟଳୟର ସମ୍ପ୍ରସାରଣ ପାଇଁ 324.24 ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି । ରାଜ୍ୟସରକାର ବହୁତଳ ପ୍ରାସାଦ ନିର୍ମାଣ କାର୍ଯ୍ୟ ପାଇଁ 1374.00 ଲକ୍ଷ ଟଙ୍କା ବ୍ୟୟବରାଦ କରିଛନ୍ତି ।

ରାଜ୍ୟସରକାର ଚଳିତ ଆର୍ଥିକ ବର୍ଷରେ କୋର୍ଟଗୁଡ଼ିକର କମ୍ପ୍ୟୁଟରୀକରଣ ନିମିତ୍ତ (ଇ-କୋର୍ଟ ପ୍ରୋଜେକ୍ଟ କାର୍ଯ୍ୟକାରୀ କରିବା ପାଇଁ) 285.84 ଲକ୍ଷ ଟଙ୍କା ବ୍ୟୟବରାଦ କରିଛନ୍ତି ।

7. **ସ୍ୱରାଷ୍ଟ୍ର ( ନିର୍ବାଚନ ) ବିଭାଗ :**

7.1 **ଉପନିର୍ବାଚନ**

ବିଧାନସଭା ସଦସ୍ୟ ଶ୍ରୀଯୁକ୍ତ ଅନନ୍ତରାମ ମାଝୀଙ୍କ ମୃତ୍ୟୁ ଯୋଗୁଁ 83-ଲକ୍ଷ୍ମୀପୁର (ସଂରକ୍ଷିତ) ନିର୍ବାଚନ ମଣ୍ଡଳୀ ନିମନ୍ତେ ଉପ-ନିର୍ବାଚନ ତା. 12.04.2008 ରେ ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଥିଲା ।

7.2 **ଫଟୋ ଭୋଟର ତାଲିକା**

ରାଜ୍ୟରେ ପ୍ରଥମ ଥର ପାଇଁ ଫଟୋ ଭୋଟର ତାଲିକା ପ୍ରସ୍ତୁତ କରାଯାଇଛି । ଫଟୋ ଭୋଟର ତାଲିକା ପ୍ରସ୍ତୁତ ହେବା ପୂର୍ବରୁ ତା. 17.07.2008ରିଖ ଠାରୁ ତା. 31.05.2008ରିଖ ପର୍ଯ୍ୟନ୍ତ ଗୃହକୁ ଗୃହ ସର୍ବେକ୍ଷଣ କରାଯାଇଥିଲା ।

7.3 **ଫଟୋ ପରିଚୟ ପତ୍ର**

ଭୋଟରଙ୍କୁ ଫଟୋ ପରିଚୟ ପତ୍ର ପ୍ରଦାନ ପାଇଁ ଫଟୋ ଉଠା କାର୍ଯ୍ୟକ୍ରମ 17 ସେପ୍ଟେମ୍ବରଠାରୁ 4 ଅକ୍ଟୋବର 2008 ପର୍ଯ୍ୟନ୍ତ କରାଯାଇଥିଲା

। ସମ୍ପୃକ୍ତ ଭୋଟରଙ୍କ ପାଇଁ ଫଟୋ ପରିଚୟ ପତ୍ର ପ୍ରସ୍ତୁତ କରାଯାଉଛି । ସ୍ୱତନ୍ତ୍ର ଫଟୋ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ 2008 ଏବଂ ଚଳିତ ସ୍ୱତନ୍ତ୍ର ସଂକ୍ଷିପ୍ତ ଫଟୋ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ 2009 ସମୟରେ ଦରଖାସ୍ତ ସହ ଦେଇଥିବା ପାସ୍‌ପୋର୍ଟ ଫଟୋ ଗୁଡିକ ସ୍କାନିଂ କରାଯାଇ ଚୁଡାନ୍ତ ଭୋଟର ତାଲିକା ୨୦୦୯ ପ୍ରକାଶନ ପରେ ଫଟୋ ପରିଚୟ ପତ୍ର ପ୍ରସ୍ତୁତ କରାଯିବ ।

7.4 **ସ୍ୱତନ୍ତ୍ର ଫଟୋ ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ 2008** :

ନୂତନ ଭାବେ ସୀମା ପୁନଃ ନିର୍ଦ୍ଧାରଣ ଅନୁସାରେ ଗଠିତ ହୋଇଥିବା ରାଜ୍ୟର ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ତା. 01.01.2008ରିଖ କୁ ଯୋଗ୍ୟତା ସୂଚକ ତାରିଖ ରୂପେ ଗ୍ରହଣ କରାଯାଇ ଫଟୋ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା । ଭୁବନେଶ୍ୱର ପୌର ନିଗମ ଅଧୀନରେ ଥିବା ୩ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀ ବ୍ୟତୀତ ଅନ୍ୟ ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀର ଫଟୋ ଭୋଟର ତାଲିକା 8 ସେପ୍ଟେମ୍ବର 2008ରେ ପ୍ରକାଶିତ ହୋଇଥିଲା ଏବଂ ଉପରୋକ୍ତ 3 ଗୋଟି ବିଧାନସଭା ମଣ୍ଡଳୀର ଫଟୋ ଭୋଟର ତାଲିକା ତା. 15.09.2008ରିଖରେ ପ୍ରକାଶିତ ହୋଇଥିଲା ।

8.1 **ଓଡିଶା ସଚିବାଳୟ ପ୍ରଶିକ୍ଷଣ ପ୍ରତିଷ୍ଠାନ, ଭୁବନେଶ୍ୱର** :

ସଚିବାଳୟ ସ୍ତରରେ କାର୍ଯ୍ୟଦକ୍ଷତା ବୃଦ୍ଧି ନିମନ୍ତେ ସରକାରଙ୍କ ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ସହାୟକମାନଙ୍କୁ ପ୍ରଶିକ୍ଷଣ ଦେବାପାଇଁ ଓଡିଶା ସଚିବାଳୟ ପ୍ରଶିକ୍ଷଣ ପ୍ରତିଷ୍ଠାନ 1960 ମସିହାରୁ କାର୍ଯ୍ୟକରି ଆସୁଅଛି । ଏହି ପ୍ରଶିକ୍ଷଣର ଅବଧି ସମୟସୀମା 4 ମାସ ଏବଂ ଏହା ବାଧ୍ୟତାମୂଳକ ଅଟେ । ସଚିବାଳୟର ଅନ୍ୟାନ୍ୟ ବର୍ଗରୁ ମନୋନୀତ ହୋଇ ସିଧାସଳଖଭାବେ ନିଯୁକ୍ତି ପାଇଥିବା ବରିଷ୍ଠ ସହାୟକମାନଙ୍କୁ ମଧ୍ୟ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ତାଲିମ ନେବାକୁ ପଡିଥାଏ ଏବଂ ସେମାନେ ଅତିବେଶିରେ 4 ଥରରେ ଉକ୍ତ ପ୍ରଶିକ୍ଷଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଆବଶ୍ୟକ । ନିକଟ ଅତୀତରେ ସଚିବାଳୟର କନିଷ୍ଠ ସହାୟକ ଓ ବରିଷ୍ଠ ସହାୟକ ପଦବୀଗୁଡିକୁ ଏକତ୍ର ମିଶ୍ରଣ କରାଯାଇ ସହକାରୀ ଉପବିଭାଗ ଅଧିକାରୀ ପଦବୀରୂପେ ନାମିତ କରାଯାଇଛି । 2008-2009 ମସିହାରେ ସଚିବାଳୟରେ

ସହକାରୀ ଉପବିଭାଗ ଅଧିକାରୀ ପଦବୀ ପୂରଣ ହୋଇନଥିବାରୁ ଉକ୍ତ ପ୍ରଶିକ୍ଷଣ ପ୍ରତିଷ୍ଠାନରେ କୌଣସି ତାଲିମ୍ ଦିଆଯାଇପାରିନାହିଁ । ଏଣୁ ଏହି ପ୍ରତିଷ୍ଠାନର ଅଧିକାଂଶ କର୍ମଚାରୀ ସ୍ୱରାଷ୍ଟ୍ର ବିଭାଗରେ ମୁତୟନ ହୋଇଛନ୍ତି ।

8.2 **ଓଡିଶା କ୍ଷିପ୍ରଲିପି ଓ ମୁଦ୍ରଲିପି ଅନୁଷ୍ଠାନ, ଭୁବନେଶ୍ବର :**

ଓଡିଶା କ୍ଷିପ୍ରଲିପି ଓ ମୁଦ୍ରଲିପି ଅନୁଷ୍ଠାନ, ଭୁବନେଶ୍ୱର, ଅଣକର୍ମଚାରୀ ଓ ସରକାରୀ କର୍ମଚାରୀ ଯଥା- କ୍ଷିପ୍ରଲେଖକ, ମୁଦ୍ରଲେଖକ ଓ କିରାଣୀମାନଙ୍କୁ ଓଡିଆ / ଇଂରାଜୀ ଭାଷାରେ କ୍ଷିପ୍ରଲିପି / ମୁଦ୍ରଲିପି ତାଲିମ ପ୍ରଦାନ କରିଥାଏ । ଗତ 2008-09 ଆର୍ଥିକ ବର୍ଷରେ ଉକ୍ତ ଅନୁଷ୍ଠାନ ମୋଟ 6 ଜଣ ସରକାରୀ କର୍ମଚାରୀ (କ୍ଷିପ୍ରଲେଖକ, ମୁଦ୍ରଲେଖକ ଓ କିରାଣୀ ) ମାନଙ୍କୁ ତାଲିମ୍ ପ୍ରଦାନ କରିଛି । ଉକ୍ତ ବର୍ଷ ଏହି ଅନୁଷ୍ଠାନ ୪0 ଜଣ ଅଣକର୍ମଚାରୀ ତଫସିଲଭୁକ୍ତ ଜାତି ଓ ଉପଜାତି ସ୍ନାତକ ଯୋଗ୍ୟତାଧାରୀ ମାନଙ୍କୁ ଇଂରାଜୀ କ୍ଷିପ୍ରଲିପି ଓ ମୁଦ୍ରଲିପିରେ ପ୍ରଶିକ୍ଷଣ ପ୍ରଦାନ କରିଛି ।

9. **ରାଜ୍ୟ ସୈନିକ ବୋର୍ଡ** :

ରାଜ୍ୟର ଭୂତପୂର୍ବ ସୈନିକ, ଯୁଦ୍ଧ ବିଧବା, ଅକ୍ଷମ, ଭୂତପୂର୍ବ ସୈନିକ ଏବଂ ମୃତ ସାମରିକ କର୍ମଚାରୀଙ୍କ କଲ୍ୟାଣ ତଥା ପୁନର୍ବାସ ଏବଂ ସେବାରତ ସୈନିକଙ୍କ ପରିବାର ବର୍ଗଙ୍କ କଲ୍ୟାଣ ସାଧନ ନିମନ୍ତେ ଓଡିଶାରେ ରାଜ୍ୟ ସୈନିକ ବୋର୍ଡ ପ୍ରତିଷ୍ଠା କରାଯାଇଛି । ରାଜ୍ୟ ସୈନିକ ବୋର୍ଡ ଅଧୀନରେ 6 (ଛଅ) ଗୋଟି ଜିଲ୍ଲା ସୈନିକ ବୋର୍ଡ କାର୍ଯ୍ୟ କରୁଛି ଯଥା - କଟକ, ଢେଙ୍କାନାଳ, ବାଲେଶ୍ୱର, ବ୍ରହ୍ମପୁର, ସମ୍ବଲପୁର ଓ କଳାହାଣ୍ଡି । ରାଜ୍ୟ ସୈନିକ ଭବନ ନିର୍ମାଣ ପାଇଁ ରାଜ୍ୟ ସରକାର ଭୁବନେଶ୍ୱରର ଜୟଦେବ ନଗରଠାରେ ଜମି ପ୍ରଦାନ କରିଛନ୍ତି ।

2008-09 ଆର୍ଥିକ ବର୍ଷରେ ରାଜ୍ୟ ସୈନିକ ବୋର୍ଡ ସଙ୍ଗଠନ ହାସଲ କରିଥିବା ସଫଳତାର ସଂକ୍ଷିପ୍ତ ବିବରଣୀ ନିମ୍ନରେ ପ୍ରଦାନ କରାଗଲା

9.1.1 **ଦ୍ୱିତୀୟ ବିଶ୍ୱଯୁଦ୍ଧ ପ୍ରବୀଣ ପେନସନ୍**

ଦ୍ୱିତୀୟ ବିଶ୍ୱଯୁଦ୍ଧର 94 ଜଣ ଭୂତପୂର୍ବ ସୈନିକ-ଯୁଦ୍ଧ ବିଧବା ମାନଙ୍କୁ ମାସିକ ଟ.500.00 ( ପାଞ୍ଚଶତ ଟଙ୍କା ) ହିସାବରେ ଟ.5,64,048ଙ୍କା ପ୍ରଦାନ କରାଯାଇଅଛି । ଏହି ପେନ୍‌ସନ୍‌କୁ ମାସିକ ଟ.500.00ଙ୍କା ରୁ ଟ.1000ଙ୍କାକୁ ବୃଦ୍ଧି କରିବାପାଇଁ ସରକାରଙ୍କ ପ୍ରସ୍ତାବ ଅଛି ।

## 9.1.2 ଭୂମିହୀନ ପୂର୍ବତନ ସୈନିକଙ୍କୁ ସରକାରୀ ପତିତ ଜମି ଆବଣ୍ଟନ

200 ଜଣ ଭୂତପୂର୍ବ ସୈନିକ ( ହାବିଲଦାର ଓ ତତ୍ ସମକକ୍ଷ ପଦବୀ ମଧ୍ୟରେ ) ଙ୍କୁ ନିଜ ଗ୍ରାମ ନିକଟରେ ଏକ ଷ୍ଟାଣ୍ଡାର୍ଡ ଏକର ସରକାରୀ ପତିତ ଜମି ଚାଷ କରିବା ପାଇଁ ଯୋଗ୍ୟତା ପ୍ରମାଣ ପତ୍ର ପ୍ରଦାନ କରାଯାଇଅଛି ।

## 9.1.3 ଭୂତପୂର୍ବ ସୈନିକଙ୍କୁ ନିଯୁକ୍ତି ସହାୟତା

59ଜଣ ଭୂତପୂର୍ବ ସୈନିକଙ୍କୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କମାନଙ୍କରେ ନିଯୁକ୍ତି ପ୍ରଦାନ କରାଯାଇଛି ।

## 9.1.4 ଭୁବନେଶ୍ବରରେ ସୈନିକ ଭବନ ନିର୍ମାଣ -

ସୈନିକ ଭବନ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ଭୁବନେଶ୍ବରର ଜୟଦେବ ନଗରଠାରେ ଜମି ପ୍ରଦାନ କରିଛନ୍ତି । ସୈନିକ ଅତିଥି ଭବନ ନିର୍ମାଣ ପାଇଁ ବିବାଦ ବିହୀନ ଜମି ପ୍ରଦାନ ତଥା ଏହାର ଦଖଲ ନିମନ୍ତେ ସାଧାରଣ ପ୍ରଶାସନ ବିଭାଗରେ ପ୍ରକ୍ରିୟା ଆଗେଇ ଚାଲିଛି ।

## 9.1.5 ଆମାଲଗାମାଟେଡ୍ ପାଣ୍ଠି ବୃଦ୍ଧି -

ଉକ୍ତ ଆର୍ଥିକ ବର୍ଷରେ ଆମାଲ୍ଗାମେଟେଡ୍ ପାଣ୍ଠିକୁ ଟ.2,63,02,359/- ଙ୍କାରୁ ଟ.4,69,49,306/- ଙ୍କା କୁ ବୃଦ୍ଧି କରାଯାଇଅଛି ।

## 9.1.6 କଲ୍ୟାଣକାରୀ ଯୋଜନାର ପ୍ରଚାର :

କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଦ୍ୱାରା ଭୂତପୂର୍ବ ସୈନିକଙ୍କ ପାଇଁ ପ୍ରଚଳନ କରାଯାଉଥିବା ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରିବାପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ଭୂତପୂର୍ବ ସୈନିକଙ୍କ ସମ୍ମେଳନ କରାଯାଉଅଛି ।

9.1.7 **କେନ୍ଦ୍ରିୟ ସୈନିକ ବୋର୍ଡ ନୂଆଦିଲ୍ଲୀ ଦ୍ୱାରା ପ୍ରଦତ୍ତ ସହାୟତା** :

| | | | |
|---|---|---|---|
| (କ) | ପୂର୍ବତନ ସାମରିକ କର୍ମଚାରୀଙ୍କ କନ୍ୟା ବିବାହ ସହାୟତା | 57 | Rs.5,60,000/- |
| (ଖ) | ଘର ମରାମତି ସହାୟତା | 9 | Rs.90,000/- |
| (ଗ) | ନିରାଶ୍ରୟ ଅନୁଦାନ | 20 | Rs.5,82,000/- |
| (ଘ) | ଶିକ୍ଷା ଅନୁଦାନ | 7 | Rs.38,400/- |
| (ଙ) | ସ୍ୱାସ୍ଥ୍ୟ | 5 | Rs.40,000/- |
| (ଚ) | ସାନୁଗ୍ରହ ଅନୁଦାନ | 4@ Rs.15000/- | Rs.60,000/- |
| | | 1( ଯୁଦ୍ଧ ବିଧବା ) | Rs.5,000/- |

9.1.8 **ରାଜ୍ୟ ସରାକରଙ୍କ ଦ୍ୱାରା ଆମାଲଗାମାଟେଡ୍ ପାଣ୍ଠିରୁ ଆର୍ଥିକ ସହାୟତା** :

| | | | |
|---|---|---|---|
| (କ) | ପୂର୍ବତନ ସାମରିକ କର୍ମଚାରୀଙ୍କ ପିଲାମାନଙ୍କୁ ମେଧାଛାତ୍ର'ବୃତ୍ତି | 98 | Rs.3,95,400/- |
| (ଖ) | ପୂର୍ବତନ ସାମରିକ କର୍ମଚାରୀ-ଯୁଦ୍ଧ ବିଧବାଙ୍କୁ ନିରାଶ୍ରୟ ଅନୁଦାନ | 14 | Rs.63,000/- |
| (ଗ) | ଅନ୍ତେଷ୍ଟିକ୍ରିୟା ଅନୁଦାନ | 8 | Rs.16,000/- |
| (ଘ) | ଅନ୍ଧ ସୈନିକଙ୍କୁ ଅନୁଦାନ | 2 | Rs.18,400/- |

9.1.9 **ରାଷ୍ଟ୍ରୀୟ ପ୍ରତିରକ୍ଷା ଏକାଡେମୀ ସହାୟତା** -

2008-09 ଆର୍ଥିକବର୍ଷରେ ରାଷ୍ଟ୍ରୀୟ ପ୍ରତିରକ୍ଷା ଏକାଡେମୀ, ପୁନାର ହୀରକ ଜୟନ୍ତୀ ଉତ୍ସବ ପାଳନ ପାଇଁ 25 ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଅଛି ।

## 10 ରାଜ୍ୟ ଅତିଥି ଭବନ -

10.1 ଭୁବନେଶ୍ୱରରେ ଅବସ୍ଥିତ ରାଜ୍ୟ ଅତିଥି ଭବନରେ ଗୋଟିଏ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକୋଷ୍ଠ ଏବଂ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରକୋଷ୍ଠ ସହ ମୋଟରେ 57 ଟି ପ୍ରକୋଷ୍ଠ ରହିଛି । ଏହି ଅତିଥି ଭବନରେ ବାର୍ଷିକ 20,705ଟି ଅତିଥି ଦିବସର କ୍ଷମତା ରହିଛି ।

### 10.2 ଓଡିଶା ଭବନ / ଓଡିଶା ନିବାସ, ନୂଆଦିଲ୍ଲୀ -

ଦିଲ୍ଲୀରେ ଅବସ୍ଥାପିତ ଓଡିଶା ସରକାରଙ୍କର ସମସ୍ତ କାର୍ଯ୍ୟାଳୟ, ସରକାରୀ ସଂସ୍ଥାନ ଓ ସରକାରୀ ଶିଳ୍ପ ଉଦ୍ୟୋଗ, ଆବାସିକ କମିଶନରଙ୍କ କାର୍ଯ୍ୟାଳୟରେ ସମନ୍ୱିତ ହୋଇଅଛି । ଏହି ସମନ୍ୱିତ କାର୍ଯ୍ୟାଳୟ ପ୍ରତିଷ୍ଠା ହେବା ଫଳରେ ଆର୍ଥିକ ସମ୍ବଳର ସୁବିନିଯୋଗ, ଉତ୍ତମ ସମନ୍ୱୟ ପ୍ରତିଷ୍ଠା ତଥା ଉତ୍ତର ଦାୟୀତ୍ୱ ବୃଦ୍ଧି ପାଇବା ସଙ୍ଗେ ସଙ୍ଗେ ଦିଲ୍ଲୀରେ ଓଡିଶାର ଭାବମୂର୍ତ୍ତି ପରିସ୍ଫୁଟ ହୋଇପାରିଛି । ଏହି କାର୍ଯ୍ୟାଳୟ ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟରେ ବିଚାରାଧୀନ ପ୍ରସ୍ତାବଗୁଡିକର ତ୍ୱରିତ ଫଇସଲାର ସୁବ୍ୟବସ୍ଥା କରୁଛି ।

### 10.3 ଉତ୍କଳ ଭବନ, କୋଲକତା :

କଲିକତାସ୍ଥିତ ଉତ୍କଳ ଭବନରେ ଥିବା 2୪ଟି ପ୍ରକୋଷ୍ଠରେ ମୋଟ 6୪ଟି ଶଯ୍ୟା ରହିଛି । ତନ୍ମଧ୍ୟରୁ ୯ଟି ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠ, 11ଟି ଦୁଇ ଶଯ୍ୟା ବିଶିଷ୍ଟ ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠ ଏବଂ ଦୁଇଟି ଏକଶଯ୍ୟା ବିଶିଷ୍ଟ ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠ ରହିଛି । ଗତ ଆର୍ଥିକ ବର୍ଷରେ 19,126ଟି ଦିବସ କାର୍ଯ୍ୟକାରୀ କରାଯାଇ ଟ.8,62,073/- (ଆଠ ଲକ୍ଷ ବାଷଠି ହଜାର ତେସ୍ତରୀ ) ଟଙ୍କା ରାଜସ୍ୱ ଆଦାୟ କରାଯାଇଛି ।

### 10.4 ଓଡିଶା ସଦନ, ମୁମ୍ବାଇ :

ନୂଆ ମୁମ୍ବାଇ ( Navi Mumbai ) ର ଭାସିଠାରେ 6.79 କୋଟି (ଛଅକୋଟି ଅଣାଅସି ଲକ୍ଷ ) ଟଙ୍କା ବ୍ୟୟ ବରାଦରେ ଓଡିଶା ସଦନର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ଇଡ୍କୋ (IDCO) ଭୁବନେଶ୍ୱରଙ୍କୁ ଏହି

ନିର୍ମାଣର ଦାୟିତ୍ୱ ଅର୍ପଣ କରାଯାଇଛି । ଏହା ଖୁବ୍ ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି ।

11. **ସାଧାରଣ ଅଭିଯୋଜନ ନିର୍ଦ୍ଦେଶାଳୟ :**

ରାଜ୍ୟରେ ସାଧାରଣ ଅଭିଯୋଜକ, ଅତିରିକ୍ତ ସାଧାରଣ ଅଭିଯୋଜକ ଏବଂ ସହକାରୀ ଅଭିଯୋଜକ ମାନଙ୍କ ଦ୍ୱାରା ଫୌଜଦାରୀ ଅଦାଲତରେ ଫୌଜଦାରୀ ମାମଲାଗୁଡିକୁ ସୂଚାରୁରୂପେ ପରିଚାଳନା କରିବା ନିମନ୍ତେ 1982 ମସିହାରେ ସାଧାରଣ ଅଭିଯୋଜନ ନିର୍ଦ୍ଦେଶାଳୟ ସୃଷ୍ଟି ହୋଇଥିଲା । ନିର୍ଦ୍ଦେଶକ, ରାଜ୍ୟରେ ଥିବା ଫୌଜଦାରୀ ଅଦାଲତ ଗୁଡିକର ମାମଲାଗୁଡିକୁ ପରିଦର୍ଶନ ମାଧ୍ୟମରେ ତଦାରଖ କରି ଏବଂ ବିଭିନ୍ନ ସ୍ଥାନରେ ସରକାରୀ ଓକିଲ, ପୋଲିସ ଅଧିକାରୀ ଓ ଅନ୍ୟାନ୍ୟ ଅନୁସନ୍ଧାନକାରୀ ସଂସ୍ଥାମାନଙ୍କ ସହିତ ଆଲୋଚନାକରି ଆଇନ୍ ଅନୁଯାୟୀ ଉପଯୁକ୍ତ ଭାବରେ ମାମଲା ଗୁଡିକୁ ଅଦାଲତରେ ଉପସ୍ଥାପନ କରି ଶୀଘ୍ର ଫଇସଲା ହେବାପାଇଁ ଉପଦେଶ ଦେଇଥାନ୍ତି । ଜିଲ୍ଲା ସଦର ମହକୁମାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ସହିତ ଆଲୋଚନାବେଳେ ଆଦିବାସୀ ଓ ହରିଜନ ନିର୍ଯ୍ୟାତନା ମାମଲା ଗୁଡିକରେ ଉଚିତ୍ ନ୍ୟାୟ ପ୍ରଦାନ ନିମନ୍ତେ ଆଦିବାସୀ ଓ ହରିଜନ ନିୟମ 1995ର ଧାରା 4(2) ଅନୁପାଳନ କରିବାପାଇଁ ସୂଚନା ଦେଇଥାନ୍ତି । ଓଡିଶା ରାଜ୍ୟ ଅଭିଯୋଜକ ସେବା ନିୟମାବଳୀ 1997 ଅନୁସାରେ 20 ଜଣ ସାଧାରଣ ଅଭିଯୋଜକ, 12 ଜଣ ଅତିରିକ୍ତ ସାଧାରାଣ ଅଭିଯୋଜକ ଏବଂ 19 ଜଣ ସହକାରୀ ସାଧାରଣ ଅଭିଯୋଜକ ଗୃହ ବିଭାଗଦ୍ୱାରା 2001 ମସିହା ସେପ୍ଟେମ୍ବର ଏବଂ ଅକ୍ଟୋବର ମାସରେ ନିଯୁକ୍ତି ପାଇଛନ୍ତି । ବର୍ତ୍ତମାନ ସେମାନଙ୍କ ମଧ୍ୟରୁ 9 ଜଣ ସାଧାରଣ ଅଭିଯୋଜକ, 10 ଜଣ ଅତିରିକ୍ତ ଅଭିଯୋଜକ ଓ 19 ଜଣ ସହକାରୀ ଅଭିଯୋଜକ ଗୃହ ବିଭାଗ ତରଫରୁ ବିଭିନ୍ନ ଫୌଜଦାରୀ ଅଦାଲତରେ କାର୍ଯ୍ୟରତ । ଏତଦ୍ ବ୍ୟତୀତ ୪ ଜଣ ସାଧାରଣ ଅଭିଯୋଜକ / ଅତିରିକ୍ତ ଅଭିଯୋଜକ ସାଧାରଣ ପ୍ରଶାସନ (ଦୁର୍ନୀତି ନିବାରଣ) ବିଭାଗରେ ପ୍ରତିନିଯୁକ୍ତ ହୋଇଛନ୍ତି । ଖାଲିଥିବା ସାଧାରଣ ଅଭିଯୋଜକ ଓ ଅତିରିକ୍ତ ଅଭିଯୋଜକ ପଦବୀ ପୂରଣ ପାଇଁ ପଦକ୍ଷେପ ନିଆଯାଉଛି ।